## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନୃତ୍ୟଗୁରୁ ଦେବ ପ୍ରସାଦ ଦାସଙ୍କ ଜୟନ୍ତୀ ପାଳନ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସର ପ୍ରତିମୂର୍ତ୍ତି ସ୍ଥଳୀ, ସକାଳ ୯ଟା।
- ଗାଁ ସାଥୀ(ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ଧାରଣା, ଲୋୟର ପିଏମ୍‌ଜି, ମଧ୍ୟାହ୍ନ ୧୨ଟା ୪୫।
- କୋଣାର୍କ କ୍ୟାନ୍ସର ଫାଉଣ୍ଡେଶନର ବାର୍ଷିକ ସମ୍ମିଳନୀ, ତେରାପନ୍ଥ ଭବନ, ହୋଟେଲ ଭିଟସ୍ ନିକଟ, କଟକ ରୋଡ୍, ସନ୍ଧ୍ୟା ୬ଟା।
- ରାଜ୍ୟକଳା ସଂସ୍କୃତି ସଂଘ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ପାଳନ ଅବସରରେ ଗୀତିକାବ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

# ଚୋରି ବାଇକ୍‌ରେ ବୁଲି ସୁନା ଲୁଟୁଥିଲେ

- ୫ ଜଣଙ୍କୁ ଗିରଫ କଲା ସ୍ପେଶାଲ ସ୍କ୍ୱାଡ୍
- ୨୪ ସୁନା ଚେନ୍, ୬ ମୋବାଇଲ୍ ଓ ୨ ବାଇକ ଜବତ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)



ଯୁବତୀ ଓ ମହିଳାଙ୍କୁ ଟାର୍ଗେଟ କରୁଥିଲେ। ଚୋରି ବାଇକ୍‌ରେ ବୁଲି ବୁଲି ସୁନାଚେନ ଓ ମୋବାଇଲ୍ ଫୋନ୍ ଲୁଟୁଥିଲେ। ଏଭଳି ଏକ ଲୁଟେରା ଗ୍ୟାଙ୍ଗକୁ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଧରିଛି। ଗ୍ୟାଙ୍ଗର ୫ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ଖୋର୍ଦ୍ଧା ଜିଲା ସଦର ଥାନା ଗୋଡ଼ି ଗ୍ରାମର ଲକ୍ଷ୍ମଣ ସାହୁ ଓରଫ ଲିଖିଲ୍(୨୩), ସୁଶିଲ କୁମାର ରାଣା(୧୯), ଖାରବେଳନଗର ଥାନା ଶାସ୍ତ୍ରୀ ନଗରର ପ୍ରଦୀପ ସାହୁ, ନୟାପଲ୍ଲୀ ଥାନା ବେହେରା ସାହିର ବବୁଲ ସାମନ୍ତରାୟ, ପୁରୀ ଜିଲା ସତ୍ୟବାଦୀ ଥାନା ପଥୁରିଆସାହିର ଗୋପୀନାଥ ଦାସ ଓରଫ ବାପି(୩୯)। ଏମାନଙ୍କଠାରୁ ୨୪ଟି ସୁନା ଚେନ୍, ୬ଟି ମୋବାଇଲ ଓ ୨ଟି ବାଇକ ଜବତ କରାଯାଇଛି। ଖୋର୍ଦ୍ଧା, ପୁରୀ ସମେତ ବିଭିନ୍ନ ଜିଲାରେ ଏମାନେ ଲୁଟ୍ କରିଥିବା ପୋଲିସ ଜାଣିବାକୁ ପାଇଛି। ଏନେଇ ଇନ୍‌ଫୋସିଟି ଓ ବଡ଼ଗଡ଼ ଥାନାରେ ଦୁଇଟି ପୃଥକ୍ ମାମଲା (ନଂ.୨୧୯/୨୧), (ନ.୨୯୦/୨୧) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଗ୍ୟାଙ୍ଗରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଅନୁସନ୍ଧାନ ଜାରି ରଖିଛି।

ସୂଚନା ଅନୁଯାୟୀ, ଗୋଟିଏ ବାଇକ୍‌ରେ ଦୁଇଜଣ ଲେଖାଏ ଯାଇ ଲୁଟ୍ କରୁଥିଲେ। ଯୁବତୀ ଓ ମହିଳାଙ୍କଠାରୁ ମୋବାଇଲ ଓ ସୁନା ଚେନ୍ ଝାମ୍ପି ନେଉଥିଲେ। ପୋଲିସ କବଳରୁ ବର୍ତ୍ତିବା ପାଇଁ ସେ ବାଇକରେ ଜାଲ୍ ନମ୍ବର ପ୍ଲେଟ ଲଗାଉଥିଲେ। ତେବେ ଏକାଧିକ ଅଭିଯୋଗ ପରେ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଏହି ଲୁଟେରାଙ୍କ ଗତିବିଧି ଉପରେ ନଜର ରଖିଥିଲା। ଗୋପୀନାଥ ଓ ନିଖିଲ୍ ମଙ୍ଗଳବାର ବଡ଼ଗଡ଼ ଥାନା କଳ୍ପନା ଛକ ନିକଟରେ ଲୁଟ୍ ପାଇଁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ପଚରାଉଚରା ଓ ଫୋନ୍ ଟ୍ରାକିଂ କରି ତାଙ୍କ ସହଯୋଗୀମାନଙ୍କୁ ଧରିବାକୁ ସଫଳ ହୋଇଥିଲା।

## ସଂକ୍ଷେପରେ

### କୁଶୁପଙ୍ଗୀ ପଞ୍ଚାୟତରେ ଭିଜିଲାନ୍ସ ତଦନ୍ତ

ବାଙ୍କୀ,୨୭।୧୦ (ସ୍ୱ.ପ୍ର.): ଡମପଡ଼ା ବ୍ଲକ କୁଶୁପଙ୍ଗୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ଜେନା ପଞ୍ଚାୟତରେ ହୋଇଥିବା ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୩୭ଟି ପ୍ରକଳ୍ପ ଦୁର୍ନୀତି ସମ୍ପର୍କରେ ରାଜ୍ୟ ଲୋକାୟୁକ୍ତଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଭିଜିଲାନ୍ସ ଇନ୍ସପେକ୍ଟର ଅନୁପମା ସାହୁଙ୍କ ନେତୃତ୍ୱରେ ବୈଷୟିକ ପ୍ରତିନିଧି ଦଳ ଆସି ପଞ୍ଚାୟତର କାର୍ଯ୍ୟାଳୟଠାରେ ବୁଧବାର ପ୍ରଥମ ଦିନରେ ୩ ଗୋଟି ପ୍ରକଳ୍ପର ଦୁର୍ନୀତି ଅଭିଯୋଗ ହୋଇଥିବା ସମ୍ପର୍କରେ ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟ ପଛପଟେ ମାଟି ଫିଲିଂ ସମ୍ପର୍କରେ ତନଖି କରିବା ସହ ମାପଚୁପ କରିଥିଲେ। ପଞ୍ଚାୟତରେ ଭିଜିଲାନ୍ସ ତଦନ୍ତ ପାଇଁ କଂଗ୍ରେସ ଓ ଭାଜପା ପକ୍ଷରୁ ପୃଥକ୍ ଭାବେ ଜିଲା ପ୍ରକଳ୍ପ ଅଧିକାରୀଙ୍କ ପାଖରେ ଦାବି କରାଯାଇଥିଲା। ମାତ୍ର ଏ ସମ୍ପର୍କରେ ଏ ପର୍ଯ୍ୟନ୍ତ ତଦନ୍ତ ହୋଇନାହିଁ। ଅଭିଯୋଗ ହୋଇଥିବା ସମସ୍ତ ପ୍ରକଳ୍ପର ତଦନ୍ତ ସରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତକାରୀ ଅଧିକାରିଣୀ ପ୍ରକାଶ କରିଛନ୍ତି। ଲୋକାୟୁକ୍ତଙ୍କ ତଦନ୍ତ ଠିକ୍ ଭାବେ ହେବା ପାଇଁ କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ତଥା ରାଜ୍ୟ କଂଗ୍ରେସ ଉପସଭାପତି ଡ.ଦେବାଶିଷ ପଟ୍ଟନାୟକ ଦାବି କରିଛନ୍ତି।

### ଓଲଟିଲା ମିନିବସ୍

#### ୧୫ ଆହତ,୫ ଗୁରୁତର



କୋଣାର୍କ, ୨୭।୧୦(ଡି.ଏନ୍.ଏ.): କୋଣାର୍କ ଥାନା ଅଧୀନ କୋଣାର୍କ-କାକଟପୁର ମୁଖ୍ୟରାସ୍ତାର ଗୟଳ ଛକଠାରେ ବୁଧବାର ଏକ ଯାତ୍ରୀବାହୀ କ୍ୟାଣ୍ଟର ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ବିଲକୁ ଓଲଟି ପଡ଼ିଛି। ଫଳରେ ଗାଡ଼ିରେ ଥିବା ୧୫ଜଣ ଯାତ୍ରୀ ଆହତ ହୋଇଥିବାବେଳେ ୫ ଜଣ ଗୁରୁତର ହୋଇଛନ୍ତି। ଖବର ଅନୁଯାୟୀ, ଷୋଳପୁଅ ନାମକ ଯାତ୍ରୀବାହୀ କ୍ୟାଣ୍ଟର(ନଂ.ଓଆର୧୩ଏ ୪୩୦୫) କାକଟପୁରଠାରୁ ୩୫ଜଣ ଯାତ୍ରୀଙ୍କୁ ନେଇ ସନ୍ଧ୍ୟା ସମୟରେ ପୁରୀ ଅଭିମୁଖେ ଯାଉଥିଲେ। ହେଲେ ଗୟଳ ଛକଠାରେ କ୍ୟାଣ୍ଟରଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଧାନ ବିଲକୁ ଓଲଟି ପଡିଥିଲା। ଏହି କ୍ୟାଣ୍ଟରରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୧୫ଜଣ ଆହତ ହୋଇଥିବା ବେଳେ ୫ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଦେଖି ଗାଡ଼ି ନିକଟକୁ ଯାଇ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ପରେ ଖବରପାଇ କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଚମ୍ପାହର ଅଗ୍ନିଶମ ବିଭାଗ ସହାୟତାରେ ଆହତ ଓ ଗୁରୁତର ହୋଇଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ କ୍ୟାଣ୍ଟରଟିକୁ ଜବତ କରି ଦୁର୍ଘଟଣାର କାରଣ ଓ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ତାହାର ବିଧିବଦ୍ଧ ତଦନ୍ତ କରାଯିବ ବୋଲି କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି।

## ମନ ଜିଣୁଛି ଏକାମ୍ର ହାଟ



ଭୁବନେଶ୍ୱର ଏକାମ୍ର ହାଟରେ ଚାଲିଥିବା ଦୀପ ଓ ଟେରାକୋଟା ପ୍ରଦର୍ଶନୀରେ ଜଣେ ମହିଳା ଶିଳ୍ପୀ କଳାକୃତିକୁ ରଙ୍ଗ କରୁଛନ୍ତି।

## ବୃଦ୍ଧଙ୍କୁ କଚାଡ଼ି ମାରିଲା ହାତୀ

ନିଶ୍ଚିନ୍ତକୋଇଲି,୨୭।୧୦ (ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା କଟିକଟା ପଞ୍ଚାୟତ ରାମରାଙ୍ଗ ଗାଁରେ ବୁଧବାର ଅପରାହ୍ନରେ ହାତୀ ଭାଗବତ ବେହେରା(୭୫)ଙ୍କୁ କଚାଡ଼ି ମାରି ଦେଇଛି। ଭାଗବତ ବଗିଚାରେ ବସି ଘାସ ବାଛୁଥିବାବେଳେ ହାତୀଟି ଘର ପଛପଟ ଦେଇ ତାଙ୍କ ବଗିଚା ଭିତରକୁ ପଶିଥିଲା। ଭାଗବତ ହାତୀକୁ ଦେଖି ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ହାତୀ ଶୁଣ୍ଢରେ ଭାଗବତକୁ ଘୋଷାଡ଼ି ଆଣି ତଳେ ପକାଇ ଚକଟି ଦେଇଥିବା ପ୍ରତ୍ୟକ୍ଷଦର୍ଶୀ ଲକ୍ଷ୍ମଣ ମଲିକ କହିଛନ୍ତି। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ହାତୀ ଫେରିବା ବାଟରେ ଘର, ଦୋକାନ ଭାଙ୍ଗିବା ସହ ଧାନକ୍ଷେତ ଚକଟି ନଷ୍ଟ କରି ଦେଇଛି। ହାତୀକୁ କାବୁ କରିବା ନିମନ୍ତେ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

## ହାତୀ ପାଇଁ ରାତି ଉଜାଗର

ଖୋର୍ଦ୍ଧା ଅଫିସ,୨୭।୧୦

ଖୋର୍ଦ୍ଧା ବନଖଣ୍ଡ ଅନ୍ତର୍ଗତ ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ ଓ ବୋଲଗଡ଼ ବନାଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ଚନ୍ଦକା ଜଙ୍ଗଲରୁ ଖସି ଆସିଥିବା ହାତୀପଲ ଏବେ ଏହି ଅଞ୍ଚଳରେ ରହିଛନ୍ତି। ସେମାନେ ଦୈନିକ ଖାଦ୍ୟ ଲାଳସାରେ ଗାଁ ମୁହାଁ ହେଉଛନ୍ତି। ଚାଷୀଙ୍କ ଏକର ଏକର ଚାଷଜମିରେ ଫସଲ ଖାଇଯିବା ସହ ଦଳିମକଚି ନଷ୍ଟ କରୁଛନ୍ତି। ଗତ ଦୁଇ ସପ୍ତାହ ହେଲା ଏକ ହାତୀପଲ ଖୋର୍ଦ୍ଧା ଓ ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ଜରିପୁଟ ଜଙ୍ଗଲରେ ରହିଛନ୍ତି। ସଞ୍ଜ ନଇଁଲେ, ଗାଁମୁହାଁ ହେଉଛନ୍ତି। ଧାନଥୋଡ଼ ବାହାରିବା ସମୟରେ ହାତୀଙ୍କ ଉପଦ୍ରବ ଯୋଗୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ହାତୀଙ୍କୁ ନିୟନ୍ତ୍ରଣ ଲାଗି ବନ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ନିରାଶ ହେବାକୁ ପଡ଼ିଛି। ଆମକୁ କ୍ଷତିପୂରଣ ନୁହେଁ ବରଂ ହାତୀଙ୍କୁ ରୋକିବା ଉପରେ ବନ ବିଭାଗ ଗୁରୁତ୍ୱ ଦେଉ ବୋଲି କ୍ଷତିଗ୍ରସ୍ତ ଗ୍ରାମବାସୀ କହିଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲକୁ 'ସ୍କୁଲ ଅଫ୍ ଏମିନେନ୍ସ ଆୱାର୍ଡ'

### ପୂର୍ବ ଭାରତର ଏକମାତ୍ର ସ୍କୁଲ ଭାବେ ସମ୍ମାନିତ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)




ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ପୁରସ୍କାର ଗ୍ରହଣ କରୁଛନ୍ତି।

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ ଏଜୁକେଶନ ୱାର୍ଲ୍ଡର ଏ++ ସର୍ବୋଚ୍ଚ ସମ୍ମାନ 'ସ୍କୁଲ ଅଫ୍ ଏମିନେନ୍ସ ଆୱାର୍ଡ ୨୦୨୧-୨୨' ପ୍ରଦାନ କରାଯାଇଛି। ଦେଶରୁ ମୋଟ ୭୧୬ ସ୍କୁଲ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବୁଧବାର ବେଙ୍ଗାଲୁରୁଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ପୂର୍ବ ଭାରତର ଏକମାତ୍ର ସ୍କୁଲ ଭାବେ ସାଇ ଇଣ୍ଟରନ୍ୟାଶନାଲକୁ ଏହି ସମ୍ମାନ ମିଳିଛି। ଭିତ୍ତିଭୂମି, ଶିକ୍ଷାଦାନ ଓ ମୂଲ୍ୟାଙ୍କନ, ଜାତୀୟ ଓ ଅନ୍ତର୍ଜାତୀୟ ସହଭାଗିତା, କ୍ରୀଡ଼ା ଏବଂ ସଂଯୁକ୍ତ ପାଠ୍ୟକ୍ରମ ସହ ପ୍ରଯୁକ୍ତିବିଦ୍ୟା ଏକୀକରଣ ପରି ୫ ପାରାମିଟର ଆଧାରରେ ମୂଲ୍ୟାଙ୍କନ କରାଯାଇଥିଲା। ଏହି ଅବସରରେ ଶିଳ୍ପୀ ସାହୁ କହିଛନ୍ତି, ଗତବର୍ଷ ସ୍କୁଲକୁ ଦେଶର ଏକ ନମ୍ବର ମାନ୍ୟତା ମିଳିଥିବାବେଳେ ଆଜିର ଏହି 'ସ୍କୁଲ ଅଫ୍ ଏମିନେନ୍ସ ଆୱାର୍ଡ' ଆମକୁ ଆହୁରି ଆଗକୁ ଯିବା ପାଇଁ ସହଯୋଗ କରିବ। ଶିକ୍ଷା ମାଧ୍ୟମରେ ଏକ ଉନ୍ନତ ଭାରତ ଗଢ଼ିବା ହେଉଛି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ମୂଳ ଲକ୍ଷ୍ୟ। ଗୁଣାତ୍ମକ ଓ ଉଚ୍ଚମାନର ଶିକ୍ଷା ପ୍ରଦାନ କରିବାର ପ୍ରଚେଷ୍ଟା ଆଗାମୀ ଦିନରେ ଏହିପରି ଜାରି ରହିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ସହ ଦେଶର ଆଉ ତିନୋଟି ସ୍କୁଲ ଏହି ଏ++ ସର୍ବୋଚ୍ଚ ସମ୍ମାନ ପାଇଛନ୍ତି। ସେଗୁଡ଼ିକ ହେଲା, ମୁମ୍ବାଇ ସ୍ଥିତ ଧିରୁଭାଇ ଅମ୍ବାନି ସ୍କୁଲ, ଦିଲ୍ଲୀସ୍ଥିତ ହେରିଟେଜ୍ ସ୍କୁଲ୍ ଏବଂ ବାଙ୍ଗାଲୋରସ୍ଥିତ ଇଣ୍ଡସ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ।

# ଅବକାରୀ ପରେ ପୋଲିସ ନିଦ ଭାଙ୍ଗିଲା

### ୧୫ ବାର୍‌ରେ ଚଢ଼ାଉ, ଲାଇସେନ୍ସ ଯାଞ୍ଚ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)




ଭୁବନେଶ୍ୱରରେ ଏକ ବାର୍‌ରେ ପୋଲିସ ଯାଞ୍ଚ କରୁଛି।

ରାଜଧାନୀରେ ବିନା ଲାଇସେନ୍ସରେ ଉଚ୍ଚ ବାଦ୍ୟଯନ୍ତ୍ର ଓ ନାଚଗୀତର ଆସର ଜମାଉଥିବା ୭ବାର୍ ଉପରେ ମଙ୍ଗଳବାର ଅବକାରୀ ଓ ଫ୍ଲାଇଂ ସ୍କ୍ୱାଡ୍ ଚଢ଼ାଉ କରିଥିଲା। ସେଥିମଧ୍ୟରୁ କଟକ ରୋଡ୍‌ରେ ୩ ବାର୍‌କୁ ସିଲ୍ କରାଯାଇଥିବାବେଳେ ୪ବାର୍‌କୁ କାରଣ ଦର୍ଶାଅ ନୋଟିସ କରାଯାଇଥିଲା। ଅବକାରୀ ବିଭାଗ ଚଢ଼ାଉ ପରେ ପୋଲିସର ନିଷ୍କ୍ରିୟତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ବେଆଇନ ଭାବେ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଚାଲୁଥିବା ସତ୍ତ୍ୱେ ପୋଲିସ ଜାଣି ନ ଜାଣିବା ଭଳି ଅଭିନୟ କରୁଛି ବୋଲି ଅଭିଯୋଗ ହୋଇଥିଲା। ଏହାପରେ ବୁଧବାର ରାଜଧାନୀର ବିଭିନ୍ନ ବାରରେ କମିଶନରେଟ ପୋଲିସ ଚଢ଼ାଉ କରିଛି। ଚନ୍ଦ୍ରଶେଖରପୁର, ଇନ୍‌ଫୋସିଟି, ନନ୍ଦନକାନନ, ଚନ୍ଦକାରେ ଥିବା ଆଙ୍ଗନ, ଟୋପନୋଜ୍, ଆଙ୍ଗନ ହରାଇଜନ୍, ୯୯ ନର୍ଥ, ଏବି ବାର୍ ଭଳି ୧୫ ବାର୍‌ରେ ଚଢାଉ କରାଯାଇ ଯାଞ୍ଚ କରାଯାଇଛି। କେଉଁ ବାର୍‌ର ଲାଇସେନ୍ସ କେତେ ତାରିଖ ପର୍ଯ୍ୟନ୍ତ ରହିଛି, ଉଚ୍ଚ ବାଦ୍ୟଯନ୍ତ୍ର ଓ ନାଚଗୀତ ପାଇଁ ଲାଇସେନ୍ସ ରହିଛି କି ନାହିଁ, କୋଭିଡ୍ ଗାଇଡ୍‌ଲାଇନ୍ ସହ ବାର୍ ଚାଲୁଛି କି ନାହିଁ ତାହା ଯାଞ୍ଚ କରାଯାଇଥିଲା। ଜୋନ୍-୫ ଏସିପି ପ୍ରକାଶ ଚନ୍ଦ୍ର ପାଲଙ୍କ ସମେତ ସ୍ଥାନୀୟ ଥାନା ଅଧିକାରୀମାନେ ରାତି ୮ରୁ ୧୦ ପର୍ଯ୍ୟନ୍ତ ବିଭିନ୍ନ ବାର୍ ବୁଲି ଯାଞ୍ଚ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଏଲିନା



@ ମନସ୍ମିତା



@ ବାବୁ



@ ପିଙ୍କି



@ ସତ୍ୟବାନ



@ ସୋନୁ



@ ପିଣ୍ଟୁ

# ଖାଦ୍ୟ ଷ୍ଟଲ୍, ହୋଟେଲରେ ଚଢ଼ାଉ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଦକ୍ଷିଣ ପଶ୍ଚିମ ଜୋନ୍ ଅନ୍ତର୍ଗତ କୋଲାଥିଆ ଓ ସମ୍ ହସ୍ପିଟାଲ୍ ଅଞ୍ଚଳରେ ବିଭିନ୍ନ ଖାଦ୍ୟ ଷ୍ଟଲ ଏବଂ ହୋଟେଲଗୁଡ଼ିକରେ ବୁଧବାର ବିଏମ୍‌ସିର ଏକ ମିଳିତ ଟିମ୍ ଚଢାଉ କରିଛି। ଚଢାଉ ସମୟରେ ୪୦ରୁ ୫୦ କେଜି ଉପଯୋଗ ଅବଧି ସରିଥିବା ଅପରିଷ୍କାର ଓ ବାସୀ ଖାଦ୍ୟ ନଷ୍ଟ କରିବା ସହ ୧୨ କେଜି ପଲିଥିନ ଜବତ କରାଯାଇଛି। ଏଥିପାଇଁ ୧୨ଟି ହୋଟେଲ ଓ ଖାଦ୍ୟ ଷ୍ଟଲରୁ ୨୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଖାଦ୍ୟ ନିରାପତ୍ତା ଏବଂ ଷ୍ଟାଣ୍ଡାର୍ଡସ୍

### ବାସିଖାଦ୍ୟ, ପଲିଥିନ ଜବତ: ଜରିମାନା ଆଦାୟ

ଆକ୍ଟ ୨୦୦୬ ଓ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଅନୁଯାୟୀ ଜରିମାନା ଆଦାୟ କରାଯାଇଥିଲା। ତେବେ ଏହାର ଯେପରି ପୁନରାବୃତ୍ତି ନ କରିବାକୁ ବିଏମ୍‌ସି ପକ୍ଷରୁ ହୋଟେଲ ମାଲିକଙ୍କୁ ଚେତାବନୀ ଦିଆଯାଇଛି। ଚଢାଉରେ ବିଏମ୍‌ସିର ପ୍ଲାଷ୍ଟିକ୍ ଏନଫୋର୍ସମେଣ୍ଟ ଟିମ୍ ଓ ଖାଦ୍ୟ ସୁରକ୍ଷା ଟିମ୍ ମିଳିତ ଚଢାଉ କରିଥିବାବେଳେ କେନ୍ଦ୍ରୀୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଏବଂ ପୋଲିସ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୮ ଚୋରି ବାଇକ୍ ଜବତ, ଗ୍ୟାଙ୍ଗର ୨ ଗିରଫ

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ):** ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲାରୁ ବାଇକ୍ ଚୋରି କରୁଥିବା ଏକ ଗ୍ୟାଙ୍ଗ୍‌ର ୨ଜଣଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ସଦର ଥାନା ବରଗଡ଼ପାଟଣା ଗ୍ରାମର ସୌମ୍ୟ ରଞ୍ଜନ ଦାସ ଓରଫ ଶିବ ଓ ଜଗନ୍ନାଥପୁର ଗ୍ରାମର ମୀନକେତନ ମହାପାତ୍ର ଓରଫ ଦୀପା(୩୦)। ସେମାନଙ୍କଠାରୁ ପୋଲିସ ୮ ବାଇକ୍ ଜବତ କରିଛି। ଏହି ଗ୍ୟାଙ୍ଗ୍‌ର ଅନ୍ୟ ସଦସ୍ୟମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଥାନା ଅନ୍ତର୍ଗତ ଜାଗମରାରେ ରହୁଥିବା ରାକେଶ କୁମାର ମହାନ୍ତି ବୁଧବାର ତାଙ୍କ ବାଇକ୍‌କୁ ଘର ସାମ୍ନାରେ ରଖିଥିଲେ। ଅଭିଯୁକ୍ତଦ୍ୱୟ ବାଇକ୍‌କୁ ମାଷ୍ଟର କି ସାହାଯ୍ୟରେ ଖୋଲି ନେଇଯାଇଥିଲେ। ଅଭିଯୋଗକ୍ରମେ ପୋଲିସ (ନଂ.୫୧୮/୨୧) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ୫ଜଣଙ୍କୁ ଗ୍ରନ୍ଥାଗାରିକ ପଦୋନ୍ନତି

**ଭୁବନେଶ୍ୱର,୨୭।୧୦:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ କାର୍ଯ୍ୟରତ ୫ଜଣଙ୍କୁ ଗ୍ରନ୍ଥାଗାରିକ ଭାବେ ପଦୋନ୍ନତି ହୋଇଛି। ସେମାନେ ହେଲେ ସସ୍ମିତା ମିଶ୍ର, ସଙ୍ଘମିତ୍ରା ସାହୁ, କୁକୁମିନା ଦାସ, ରୁଦ୍ରପ୍ରସାଦ ବେହେରା ଓ ପଦ୍ମନାଭ ଜେନା। ବିଭାଗର ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ଓ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ପଦୋନ୍ନତି ହୋଇଥିବାରୁ ଗ୍ରନ୍ଥାଗାରର କର୍ମଚାରୀମାନେ ଶାସନ ସଚିବ ଓ ନିର୍ଦ୍ଦେଶକଙ୍କୁ କୃତଜ୍ଞତା ଜଣାଇଛନ୍ତି।

### 'ଭାଗବତ କଥାମୃତ'ର ଆନ୍ତର୍ଜାତିକ ଆଭାସି ଲୋକାର୍ପଣ ଉତ୍ସବ

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ):** ପ୍ରଖ୍ୟାତ କବି ଏବଂ ଆଧାତ୍ମିକ ସାଧକ ପାଣ୍ଡବ ଚରଣ ଦାସଙ୍କ ରଚିତ କାବ୍ୟ 'ଭାଗବତ କଥାମୃତ'ର ଆନ୍ତର୍ଜାତିକ ଆଭାସି ଲୋକାର୍ପଣ ଉତ୍ସବ ଅନ୍‌ଲାଇନ୍ ମାଧମରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୟୁକେସ୍ଥିତ ଶ୍ରୀଜଗନ୍ନାଥ ସୋସାଇଟି ଦ୍ୱାରା ପରିଚାଳିତ ଭାଗବତ ଟୁଙ୍ଗି ଏବଂ କାନାଡ଼ାସ୍ଥିତ କାଁସା କଲଚରାଲ ସେଣ୍ଟରର ମିଳିତ ସହଯୋଗରେ ଏହି ସଭା ଆୟୋଜିତ ହୋଇଥିଲା। ଟରୋଣ୍ଟୋର ବିଦ୍ୟା ପବ୍ଲିସିଂ ଦ୍ୱାରା ପ୍ରକାଶିତ ଏହି ପୁସ୍ତକରେ ଶ୍ରୀମଦ୍ ଭାଗବତର ୬୫ଟି ଉପାଖ୍ୟାନକୁ ସ୍ଥାପନ କରାଯାଇଛି। ଲେଖକ ଦାସ ଏଥିରେ ଭଗବାନଙ୍କ ଅପରୂପ ମହିମାକୁ ବେଶ୍ ସରଳ ଓ ସାବଲୀଳ ଶୈଳୀରେ ଉପସ୍ଥାପନ କରିଥିବା ବିଶିଷ୍ଟ ଅତିଥିମାନେ ପ୍ରଶଂସା କରିଛନ୍ତି। ଅତିଥି ଭାବେ ଧୀରେନ୍ଦ୍ର କର, ଡ. ପ୍ରସନ୍ନ ପାଟ୍ଟଶାଣୀ, ଡ. ଇତିରାଣୀ ସାମନ୍ତ ଓ ଡ. ପ୍ରଦୀପ କୁମାର ମିଶ୍ର ଯୋଗଦେଇ ବହିଟିକୁ ଉନ୍ମୋଚନ କରିଥିଲେ।

### ପୁଣି ମଣିପୁରୀ ହରିଣ ଶାବକ ଜନ୍ମ

**ବାରଙ୍ଗ,୨୭।୧୦(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୬ଏ ଏନକ୍ଲୋଜରରେ ପୁଣି ଏକ ମାଈ ମଣିପୁରୀ ହରିଣ ବୁଧବାର ସକାଳେ ଗୋଟିଏ ଶାବକ ଜନ୍ମ ଦେଇଛି। ଏହି ଶାବକଟି ଜନ୍ମହେବା ପରେ ସେମାନଙ୍କ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି। ସେଥିମଧ୍ୟରେ ୧୧ ଅଣ୍ଡିରା, ୬ ମାଈ ଓ ତିନି ନବଜାତ ଶାବକଟିର ଲିଙ୍ଗ ଚିହ୍ନଟ ହୋଇ ନାହିଁ। ତେବେ ମାଆ ଓ ଛୁଆ ସୁସ୍ଥ ଥିବାବେଳେ ଛୁଆ ତା'ର ମାଠାରୁ କ୍ଷୀର ଖାଉଥିବାର ଦେଖିବାକୁ ମିଳିଛି।

### ଚାଷୀଙ୍କୁ ସହାୟତା ପ୍ରଦାନ

**ବାଲିପାଟଣା,୨୭।୧୦(ଡି.ଏନ୍.ଏ.):** ବାଲିପାଟଣାସ୍ଥିତ ଭେଟେରେନାରି କାର୍ଯ୍ୟାଳୟଠାରେ ମନୋନୀତ ଯୋଗ୍ୟ ଚାଷୀମାନଙ୍କୁ କୁକୁଡ଼ା ଚାଷକରି ସ୍ୱାବଲମ୍ବୀ ହେବାକୁ କୁକୁଡ଼ା ରହିବା ପାଇଁ ଗୃହ ଋଣ ଓ କୁକୁଡ଼ା ଛୁଆ ବଣ୍ଟନ କରାଯାଇଛି। ସ୍ଥାନୀୟ ବିଧାୟକ ଡ.ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ ମହିଳା ଓ ଯୁବଗୋଷ୍ଠୀ ସ୍ୱାବଲମ୍ବୀ ହେଲେ ଓଡ଼ିଶା ସମୃଦ୍ଧ ହେବ। ଏଥିପାଇଁ ରାଜ୍ୟ ସରକାର ବହୁବିଦ୍ଧ ଯୋଜନା ଉପଲବ୍ଧ ରଖିଛନ୍ତି। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ୫୦ଟି କରି କୁକୁଡ଼ା ଛୁଆ ବଣ୍ଟନ କରାଯାଇଥିଲା। ପ୍ରାଥମିକ ସୁରକ୍ଷା ରାଶି ୫୦୦ ଟଙ୍କା ଦିଆଯାଇଛି। ୧୦୦୦ କାପାସିଟର ଗୃହ ନିର୍ମାଣ ପାଇଁ ୩ ଲକ୍ଷ ୬୦ ହଜାର ଟଙ୍କା ଓ ୫ଶହ କପାସିଟର କୁକୁଡ଼ା ଚାଷ ପାଇଁ ୧ଲକ୍ଷ ୭୧ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡା. ମାନସ କୁମାର ଚାନ୍ଦ, ଡା. ପ୍ରୀତମ ପ୍ରୀତିମାନ ପଣ୍ଡା ଉପସ୍ଥିତ ରହି ବୈଷୟିକ ଜ୍ଞାନ କୌଶଳ ପ୍ରଦାନ କରିଥିଲେ।

# ଉତ୍ସବ ମୁଖରିତ ହେବ ମଞ୍ଚ

**ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପ୍ରସ୍ତୁତି**

- ୧ରୁ ମେଘ ଉତ୍ସବ, ୯ରୁ ଟ୍ରାଇବାଲ୍ ଫେଷ୍ଟିଭାଲ
- ଡିସେମ୍ବରରେ 'ଲିଜେଣ୍ଡସ୍ ଅଫ୍ ଓଡ଼ିଶା ସିରିଜ୍-୧'



ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)

କରୋନା ମହାମାରୀ ଥମିଛି। ଦୀର୍ଘଦିନ ଧରି ଜୀବନଜୀବିକାକୁ ନେଇ ସଂଘର୍ଷ କରୁଥିବା କଳାକାରମାନେ ମଞ୍ଚକୁ ଯିବାକୁ ଚାହିଁ ବସିଛନ୍ତି। ଏପଟେ କରୋନାର କୋପ ଭିତରେ ଧୁନ୍ଦି ହେଉଥିବା ଶିଶୁଠାରୁ ବୟସ୍କ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ମନକୁ ଟିକେ ହାଲୁକା କରିବା ପାଇଁ ମଞ୍ଚ ବି ଖୋଜୁଛନ୍ତି। ଏପରିସ୍ଥଳେ ଦର୍ଶକଙ୍କୁ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଭେଟି ଦେବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଅଣ୍ଟା ଭିଡିଛି। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ସରକାରଙ୍କ ନୂଆ ଗାଇଡ୍‌ଲାଇନ୍‌କୁ ଅପେକ୍ଷା କରାଯାଇଛି। ସ୍ଥିତି ଅନୁକୂଳ ହେଲେ ନଭେମ୍ବରରୁ ଉତ୍ସବ ମୁଖରିତ ହେବ ମଞ୍ଚ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ, ପ୍ରଥମଥର ଲାଗି ରାଜ୍ୟର ଉପାନ୍ତ ଅଞ୍ଚଳ ମାଲକାନଗିରି ଜିଲାରେ ଅନୁଷ୍ଠିତ ହେବ 'ରାଜ୍ୟସ୍ତରୀୟ ମେଘ ଉତ୍ସବ'। ଏଥିପାଇଁ ନଭେମ୍ବର ୧ ଓ ୨ ତାରିଖକୁ ସ୍ଥିର କରାଯାଇଛି। ଉତ୍ସବରେ ଶାସ୍ତ୍ରୀୟ ଓ ଲୋକନୃତ୍ୟ ସହିତ ଓଡ଼ିଶୀ ନୃତ୍ୟ, ସଙ୍ଗୀତ, ତାଳବାଦ୍ୟ, ସୁଗମ ସଙ୍ଗୀତ ଆଦି ପରିବେଷଣ କରାଯିବ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଶହେ ଜଣ କଳାକାର ଏଥିରେ ଅଂଶ ଗ୍ରହଣ କରିବେ। କେବଳ ସେତିକି ନୁହେଁ, ଆସନ୍ତା ୯ ଓ ୧୦ ତାରିଖରେ ନ୍ୟାଶନାଲ ଟ୍ରାଇବାଲ୍ ଫେଷ୍ଟିଭାଲ ମଧ୍ୟ ଆୟୋଜନ କରାଯିବ। ଇଷ୍ଟର୍ନ ଜୋନ୍ କଲ୍‌ଚରାଲ୍ କାଉନ୍‌ସିଲ (ଇଜେଡ୍‌ସିସି)ର ମିଳିତ ଆନୁକୂଲ୍ୟରେ ବାରିପଦାର ରାଇରଙ୍ଗପୁରଠାରେ ଏହି ଦୁଇଦିନିଆ ମହୋତ୍ସବରେ ରାଜ୍ୟରୁ ୬ଟି ଓ ରାଜ୍ୟ ବାହାରୁ ୪ଟି ଦଳ ଅଂଶ ଗ୍ରହଣ କରିବେ। ଝାଡ଼ଖଣ୍ଡର ଷଢେଇକଳା ସହିତ ପଶ୍ଚିମବଙ୍ଗର ପୁରୁଲିଆ ଛଉ, ଆସାମ ଏବଂ ପଞ୍ଜାବର ଲୋକନୃତ୍ୟ ଆଦି ଦେଖିବାକୁ ମିଳିବ। ଖୁବ୍‌ଶୀଘ୍ର ଆଉ ୨ଟି ଜିଲାରେ ଟ୍ରାଇବାଲ୍ ଫେଷ୍ଟିବାଲ ନେଇ ନିଷ୍ପତ୍ତି ହେବ। ସେହିପରି ୧୭ ଓ ୧୮ ତାରିଖରେ ରାଉରକେଲା ଓ ବ୍ରହ୍ମପୁରଠାରେ ଚିଲ୍‌ଡ୍ରେନ୍ ଥିଏଟର ଫେଷ୍ଟିଭାଲ ହେବ। ସ୍କୁଲରୁ ପିଲାଙ୍କୁ ନାଟକ ପ୍ରଶିକ୍ଷଣ ସହ ପ୍ରଦର୍ଶନ କରାଯିବ। ସେହିପରି ୨୮ ଓ ୨୯ ତାରିଖରେ ରାୟଗଡ଼ାରେ 'ଲୋକ ନାଟକ ମହୋତ୍ସବ' ଅନୁଷ୍ଠିତ ହେବ। ଏ ସମସ୍ତ କାର୍ଯ୍ୟକ୍ରମ କୋଭିଡ୍ କଟକଣା ମଧ୍ୟରେ ଆୟୋଜନ କରାଯିବ। ଡିସେମ୍ବରରେ ଭୁବନେଶ୍ୱରର ରବୀନ୍ଦ୍ରମଣ୍ଡପଠାରେ 'ଲିଜେଣ୍ଡସ୍ ଅଫ୍ ଓଡ଼ିଶା ସିରିଜ୍-୧' ପରିବେଷଣ କରାଯିବ। ଏଥିରେ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଧାରିତ ନାଟକ ପ୍ରଦର୍ଶନ ହେବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

## ଜେନ୍‌ଏକ୍ସ ଡାଇଗ୍ନୋଷ୍ଟିକ୍‌କୁ ବିଏମ୍‌ସିର ନୋଟିସ

**ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ଜେନ୍‌ଏକ୍ସ ଡାଇଗ୍ନୋଷ୍ଟିକରେ ନକଲି କୋଭିଡ୍ ରିପୋର୍ଟ ଦିଆଯାଉଛି। ସମାନ ସାମ୍ପଲ ଆଇଡି ଏବଂ ଏସ୍‌ଆର୍‌ଏଫ୍ ଆଇଡିରେ ଏକାଧିକ ଲୋକଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଏଭଳି ଅଭିଯୋଗ ହେବା ପରେ ଜେନ୍‌ଏକ୍ସ ଡାଇଗ୍ନୋଷ୍ଟିକ୍‌କୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବୁଧବାର କାରଣ ଦର୍ଶାଅ ନୋଟିସ ଦିଆଯାଇଛି। ୩ଦିନ ମଧ୍ୟରେ ଏନେଇ କାରଣ ଦର୍ଶାଇବାକୁ କୁହାଯାଇଛି। ତେବେ ଡାଇଗ୍ନୋଷ୍ଟିକ୍ ଲାଇସେନ୍ସକୁ କାହିଁକି ରଦ୍ଦ କରାଯିବନି ଓ ଏପିଡେମିକ୍ ଡିଜିଜ୍ ଆକ୍ଟ ଅନୁଯାୟୀ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ସେନେଇ ବିଏମ୍‌ସି ଉତ୍ତର ମାଗିଛି। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ରିପୋର୍ଟ ଦାଖଲ କରା ନ ଯାଏ ତେବେ ଏହାପରେ ଉତ୍ତର ରଖିବାକୁ ଆଉ ସୁଯୋଗ ଦିଆଯିବ ନାହିଁ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି ଚେତାବନୀ ଦେଇଛି। ସୂଚନାଯୋଗ୍ୟ, ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ତଥାକଥିତ ଦଲାଲ କେବଳ ଆଧାର କାର୍ଡ ନମ୍ବର ନେଇ କୋଭିଡ୍ ରିପୋର୍ଟ ଦେଉଥିଲେ। ଏକାଧିକ ରିପୋର୍ଟରେ ସାମ୍ପଲ ଆଇଡି-୩୪୦୮୫୫୦୦୧ ଏବଂ ଏସ୍‌ଆର୍‌ଏଫ୍ ଆଇଡି-୨୧୩୬୨୦୨୨୭୪୫୫୫ ସମାନ ରହିଥିବାରୁ ରିପୋର୍ଟକୁ ନେଇ ପ୍ରଶ୍ନ ଉଠିଛି।

## ମହିଳାମାନେ ଅନ୍ୟାୟକୁ ବିରୋଧ କରନ୍ତୁ

**ଭୁବନେଶ୍ୱର,୨୭।୧୦:** ନିଜପ୍ରତି ହେଉଥିବା ଅନ୍ୟାୟକୁ ମହିଳାମାନେ ବିରୋଧ କରନ୍ତୁ। ଓଡିଶା ରେଡ୍‌କ୍ରସ୍ ପରିବାର ପରାମର୍ଶ କେନ୍ଦ୍ର ପକ୍ଷରୁ ୟୁନିଟ୍-୮ ନେହରୁ ବସ୍ତିରେ ପରିବାର ପରାମର୍ଶ ସମ୍ପର୍କିତ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବସ୍ତିର ଯୁବତୀ ଓ ମହିଳାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜୟଲକ୍ଷ୍ମୀ କର ଯୋଗଦେଇ ସମାଜରେ ଘଟୁଥିବା ବିଭିନ୍ନ ଘଟଣା, ସମସ୍ୟା ଓ ତାର ନିରାକରଣ ସମ୍ପର୍କରେ କହିଥିଲେ। ରେଡକ୍ରସ୍‌ସ୍ଥିତ ପରିବାର ପରାମର୍ଶ କେନ୍ଦ୍ର ସହାୟତାରେ ପାରସ୍ପାରିକ ବୁଝାମଣା ମାଧ୍ୟମରେ ପରିବାରର ସମସ୍ୟା ସମାଧାନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ମହିଳାଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର ଓ ଏହାର ନିରାକରଣର ଉଦ୍ଦିଷ୍ଟ ଧାରାକୁ ଲୋକମାନେ କିପରି ଆପଣେଇବେ ସେନେଇ ବିଜୟଲକ୍ଷ୍ମୀ ଆଲୋଚନା କରିଥିଲେ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ବୁଧବାର ଆରମ୍ଭ ହୋଇଥିବା ଗୀତିନାଟ୍ୟ ମହୋତ୍ସବରେ 'କର୍ଣ୍ଣବଧ'ର ଏକ ଦୃଶ୍ୟ।

## ପଦ୍ମଶ୍ରୀ ସୁବାରାଓଙ୍କ ଶୋକସଭା

**ଭୁବନେଶ୍ୱର,୨୭।୧୦**

ଜାତୀୟ ଯୁବ ପ୍ରକଳ୍ପର ପ୍ରତିଷ୍ଠାତା ଓ ରାଷ୍ଟ୍ରୀୟ ସଂଯୋଜକ ପଦ୍ମଶ୍ରୀ ଡଃ.ଏସ୍.ଏନ୍ ସୁବାରାଓଙ୍କ ବିୟୋଗରେ ଏକ ସ୍ମୃତିସଭା ବୁଧବାର ଖାରବେଳ ନଗରସ୍ଥିତ ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବୋର୍ଡର ସଭାପତି ସଂଗ୍ରାମ କେଶରୀ ପାଇକରାୟ ସଭାପତିତ୍ୱ କରି କହିଲେ, ସୁବାରାଓ ୯୨ ବର୍ଷ ବୟସରେ ରାଜସ୍ଥାନର ଏକ ଘରୋଇ ଡାକ୍ତରଖାନାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଓଡିଶାକୁ ଦ୍ୱିତୀୟ ଘର କହିବା ସହ ଅନେକ ଯୁବତୀଯୁବକଙ୍କୁ ଖଦି ଉପରେ ତାଲିମ ଦେଇଛନ୍ତି। ଏଥିସହ ରାଷ୍ଟ୍ର ଗଠନରେ ସକ୍ରିୟ ହେବା ପାଇଁ ସୁବାରାଓ ଅନେକ ଶିବିର ଆୟୋଜନ କରିଥିଲେ। ସ୍ମୃତିସଭାରେ ଜାତୀୟ ନିର୍ବାଚନ ଆୟୋଗର ବରିଷ୍ଠ ଉପଦେଷ୍ଟା ଡ. ଭଗବାନ ପ୍ରକାଶ, ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ବିଶିଷ୍ଟ ଗାନ୍ଧିବାଦୀ ପଦ୍ମ ଚରଣ ନାୟକ, ବରିଷ୍ଠ ସ୍ତମ୍ଭକାର ପ୍ରହଲ୍ଲାଦ ସିଂ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଚିତ୍ତରଞ୍ଜନ ମହାନ୍ତି ସଂଯୋଜନା କରିଥିବାବେଳେ ବୋର୍ଡର ସଚିବ ଅବଦୁଲ ଅଲିମ ଖାନ ଓ ସମସ୍ତ କର୍ମଚାରୀ, ଜାତୀୟ ଯୁବ ପ୍ରକଳ୍ପ ସଦସ୍ୟ ବିକ୍ରମ ମହାନ୍ତି, ମନସ୍ୱିନୀ ପରିଡା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଆଶାଏଁ ପକ୍ଷରୁ ସୁବାରାଓଙ୍କ ଶୋକସଭା ଅନୁଷ୍ଠିତ ହୋଇଥିଲା। ତାଙ୍କର ସେବାଦୀପ୍ତ କର୍ମକୁ ସମ୍ମାନ ପୂର୍ବକ ସୁବାରାଓଙ୍କୁ ପଦ୍ମଶ୍ରୀ, ଯମୁନା ଲାଲ ବଜାଜ ପୁରସ୍କାର ସମେତ ଅନେକ ସମ୍ମାନରେ ଭୂଷିତ କରାଯାଇଛି। ଶ୍ରୀନିବାସ ରଣା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## ସୁବାରାଓଜୀଙ୍କୁ ସେବାଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ)**

ବିଶିଷ୍ଟ ଗାନ୍ଧୀବାଦୀ ନେତା ଏସ୍.ଏନ୍. ସୁବାରାଓଙ୍କ ବିୟୋଗରେ ରାଜ୍ୟ କଂଗ୍ରେସ ସେବାଦଳ ପକ୍ଷରୁ କଂଗ୍ରେସ ଭବନଠାରେ ଏକ ଶୋକସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସେବାଦଳ ଅଧ୍ୟକ୍ଷ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଦେଶ କଂଗ୍ରେସ ଉପସଭାପତି ଯଜ୍ଞେଶ୍ୱର ବାବୁ ଯୋଗଦେଇ କହିଲେ, ଯୁବକଙ୍କ ପାଇଁ ସୁବାରାଓଜୀଙ୍କ ବାର୍ତ୍ତା ଥିଲା ଏକ ଘଣ୍ଟା ଦେହ ପାଇଁ ଓ ଏକ ଘଣ୍ଟା ଦେଶ ପାଇଁ। ଏହାକୁ ଅନୁସରଣ କରିବାକୁ ସେ ସେବାଦଳ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ଆତ୍ମାର ଶାନ୍ତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଗୀତିନାଟ୍ୟ ମହୋତ୍ସବ ଆରମ୍ଭ

**ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ୧୩୯ତମ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଅବସରରେ ଗୀତିନାଟ୍ୟ ମହୋତ୍ସବ ଆରମ୍ଭ ହୋଇଛି। ରାଜ୍ୟ କଳା ସଂସ୍କୃତି ପରିଷଦ ଓ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇଦିନିଆ ମହୋତ୍ସବକୁ ସିନେ କଳାକାର ତଥା ମଞ୍ଚ ଅଭିନେତା ଅଶ୍ରୁମୋଚନ ମହାନ୍ତି, ନାଟ୍ୟ ଗବେଷକ ଡ. ସୁବୋଧ ପଟ୍ଟନାୟକ, ଓଡ଼ିଶା ସଙ୍ଗୀତ ନାଟକ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଜେନା, ରାଜ୍ୟ ସଂସ୍କୃତି ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋୟୀ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭିକ ସୂଚନା ପ୍ରଦାନ କରି ରାଜ୍ୟ ପ୍ରକଳ୍ପ ସଂଯୋଗ ମାଳବିଶୋୟୀ ଲୋକକଳା ମଧ୍ୟରେ ଗୀତିନାଟ୍ୟକୁ ସାମିଲ କରାଯାଇ ଗଣକବିଙ୍କ ଜୟନ୍ତୀରେ ପ୍ରତିବର୍ଷ ତିନିଦିନ ଗୀତିନାଟ୍ୟ ପରିବେଷଣ କରାଯିବା ନିମନ୍ତେ ରାଜ୍ୟ ସରକାର ଅନୁମୋଦନ କରିଥିବା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଗଣକବିଙ୍କ ପ୍ରତି ଏକ ବିଶେଷ ଶ୍ରଦ୍ଧାଞ୍ଜଳି ହେବା ସହ ପାରମ୍ପରିକ ଗୀତିନାଟ୍ୟ ଧାରାକୁ ବଞ୍ଚାଇ ରଖିବାରେ ସହାୟକ ହେବ। ଉଦ୍‌ଘାଟନୀ ପର୍ବରେ କଟକ ଜିଲା ମାହାଙ୍ଗା ବ୍ଲକ୍‌ର କୋଠପଦାସ୍ଥିତ ବିନାୟକ କ୍ଲବ୍‌ର କଳାକାରମାନେ ସ୍ୱର୍ଗତ ବୈଷ୍ଣବ ପାଣିଙ୍କ ଲିଖିତ ଗୀତିନାଟ୍ୟ 'କର୍ଣ୍ଣବଧ' ମଞ୍ଚସ୍ଥ କରିଥିଲେ। ଏହି ଅବସରରେ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁବାର ଗଞ୍ଜାମ ଜିଲା ଆସିକା ବ୍ଲକ୍‌ର ନଳବଣ୍ଟାସ୍ଥିତ ଶ୍ରୀଶ୍ରୀ ନୃସିଂହନାଥ ନାଟ୍ୟକଳା ସଂସଦର କଳାକାରଙ୍କ ଦ୍ୱାରା ପ୍ରହଲ୍ଲାଦ ନାଟକ ମଞ୍ଚସ୍ଥ ହେବାର କାର୍ଯ୍ୟକ୍ରମ ରହିଛି। କୋଭିଡ୍ ନିୟମ ପାଳନ ସହ ଏହି କାର୍ଯ୍ୟକ୍ରମକୁ ଫେସ୍‌ବୁକ ୟୁଟ୍ୟୁବ୍‌ରେ ପ୍ରସାରଣ କରାଯାଇଛି। ଏହାକୁ ମଧ୍ୟ ଦୂରଦର୍ଶନରେ ପ୍ରସାରଣ କରାଯିବାକୁ ସ୍ଥିର ହୋଇଛି।



ମମିତା ମେହେର ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଗିରଫ ଓ ବହିଷ୍କାର ଦାବିରେ ବୁଧବାର ପୁରୀଠାରେ ଜିଲା ଭାଜପା ଯୁବ ମୋର୍ଚ୍ଚା କର୍ମୀମାନେ ବ୍ୟାରିକେଡ୍ ଭାଙ୍ଗି ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଉଦ୍ୟମ କରିବାବେଳେ ପୋଲିସ ସହ ମୁହାଁମୁହିଁ।

## ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ବାଟ ଓଗାଳିଲେ ଭାଜପା କର୍ମୀ

**ବ୍ରହ୍ମଗିରି,୨୭।୧୦(ଡି.ଏନ୍.ଏ.)**

ବ୍ରହ୍ମଗିରି ଥାନା ସମ୍ମୁଖରେ ବୁଧବାର ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଏକ କାର୍ଯ୍ୟକ୍ରମକୁ ଯାଉଥିବାବେଳେ ବାଟରେ ଭାଜପା କର୍ମୀମାନେ ରାସ୍ତା ଓଗାଳିଥିଲେ। ଭାଜପା ପକ୍ଷରୁ ବୁଧବାର ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ ଥିବା ସମୟରେ ଭାଜପାର ଶତାଧିକ ଯୁବ କର୍ମୀ ଏକ ବାଇକ୍ ଶୋଭାଯାତ୍ରାରେ ପୁରୀ ଅଭିମୁଖେ ଯାଉଥିଲେ। ଏହି ସମୟରେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସ ବର୍ମା ତାଙ୍କ ସୁରକ୍ଷା ବଳୟ ମଧ୍ୟରେ ସାତପଡା ଗସ୍ତ କରୁଥିବାବେଳେ ବ୍ରହ୍ମଗିରି ଥାନା ସମ୍ମୁଖରେ ଉଭୟେ ମୁହାଁମୁହିଁ ହୋଇଯାଇଥିଲା। ସଞ୍ଜୟଙ୍କୁ ଦେଖି ଭାଜପା କର୍ମୀମାନେ ତାଙ୍କ ଗାଡି ସମ୍ମୁଖରେ ବାଇକ ରଖି ବିଭିନ୍ନ ସ୍ଲୋଗାନ ଦେବା ସହିତ ରାସ୍ତା ଛାଡି ନ ଥିଲେ।। କିଛି ସମୟ ପରେ ଭାଜପା କର୍ମୀମାନେ ଚାଲିଯିବା ପରେ ସଞ୍ଜୟ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଥିଲେ।

## ଅନ୍‌ଲାଇନରେ ପରୀକ୍ଷା ଦାବି, କଲେଜ ଆଗରେ ଛାତ୍ରୀ

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ)**

ବିଭିନ୍ନ ଦାବି ନେଇ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ବୁଧବାର ଆନ୍ଦୋଳନ କରିଛନ୍ତି। ଛାତ୍ରୀମାନେ ଦାବି କରିଛନ୍ତି ଯେ, ଶିକ୍ଷା ବର୍ଷ ୨୦୨୧-୨୨ ରେ ଠିକ୍ ଭାବରେ ପାଠପଢ଼ା ହୋଇ ନାହିଁ। ତେଣୁ ଅନ୍‌ଲାଇନ୍ ପରୀକ୍ଷା ହେଉ ନଚେତ୍ ପରୀକ୍ଷା ବାତିଲ କରାଯାଉ। ସେହିପରି ଖାଲି ପଡ଼ିଥିବା ଅଧ୍ୟାପିକା ଓ ଅଧ୍ୟାପକ ପଦବୀ ଶୀଘ୍ର ପୂରଣ କରାଯାଉ। ଚାହିଦା ଥିବା ବିଭାଗରେ ସିଟ୍ ସଂଖ୍ୟା ବୃଦ୍ଧି କରାଯାଉ ବୋଲି ଛାତ୍ରୀମାନେ ଦାବି କରିଛନ୍ତି। ଛାତ୍ରୀମାନେ ଦାବି କରିଛନ୍ତି ଯେ, ରମାଦେବୀ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ ବାବଦରେ ତୁରନ୍ତ ନିଷ୍ପତ୍ତି ହେଉ। ଫୁଟ୍ ଓଭର୍ ବ୍ରିଜ ନେଇ ସ୍ମାର୍ଟ ସିଟିକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଶୀଘ୍ର ଚିଠି ଲେଖନ୍ତୁ। ସେହିପରି ଖେଳପଡ଼ିଆ ପାଇଁ ତୁରନ୍ତ ଜାଗା ଦିଅନ୍ତୁ, ନଚେତ୍ ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟ ସ୍ଥାନାନ୍ତର ହେଉ। ମା' ରମାଦେବୀଙ୍କ ସଂଗ୍ରହାଳୟ ରାସ୍ତାପାର୍ଶ୍ୱକୁ ସ୍ଥାନାନ୍ତର ହେଉ ଏବଂ ଆବଶ୍ୟକ ହେଲେ ସଂସ୍କୃତି ବିଭାଗକୁ ଚିଠି ଲେଖାଯାଉ। ଅପରିଷ୍କାର ଥିବା ଶୌଚାଳୟ ସଫା ହେଉ, ଭାଙ୍ଗିଯାଇଥିବା ଦ୍ୱାର ମରାମତି ହେଉ ଏବଂ ଅଧିକ ସଂଖ୍ୟକ ଛାତ୍ରୀଙ୍କ ପାଇଁ ବ୍ୟବସ୍ଥା ହେଉ ବୋଲି ଛାତ୍ରୀମାନେ ଦାବି କରିଛନ୍ତି।

## ମହାପ୍ରଭୁଙ୍କ ବନକଲାଗି, ୪ ଘଣ୍ଟା ଦର୍ଶନ ବନ୍ଦ

**ପୁରୀ ଅଫସ, ୨୭।୧୦**

କାର୍ତ୍ତିକ ମାସ କୃଷ୍ଣପକ୍ଷ ଷଷ୍ଠୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ଦତ୍ତମହାପାତ୍ର ସେବକମାନେ ଏହି ଗୁପ୍ତ ନୀତି ସମ୍ପାଦନ କରିଥିଲେ। ବନକ ଲାଗି ସମୟରେ ୪ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା।




ଅନ୍‌ଲାଇନ୍ ପରୀକ୍ଷା ସହ ବିଭିନ୍ନ ଦାବି ନେଇ ବୁଧବାର ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ କମଳା ନେହେରୁ କଲେଜର ଛାତ୍ରୀମାନେ ଫାଟକ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଆଜି କ'ଣ କେଉଁଠି

କଟକ

- ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି ପକ୍ଷରୁ ଋଣ ସଂଯୋଗୀକରଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ, ଶାରଳା ଭବନ, ବିଜୁ ପଟ୍ଟନାୟକ ଛକ, ପୂର୍ବାହ୍ନ ୧୦ଟା।

## ବ୍ଲକସ୍ତରୀୟ ତାଲିମ ଶିବିର

**ଚୌଦ୍ୱାର,୨୭।୧୦(ଡି.ଏନ୍.ଏ.):** ସ୍ଥାନୀୟ କଳିଙ୍ଗ ନୋଡାଲ ବିଦ୍ୟାପୀଠରେ ବ୍ଲକସ୍ତରୀୟ ନବମ ଓ ଦଶମ ଶ୍ରେଣୀ ପରୀକ୍ଷା ସମ୍ବନ୍ଧୀୟ ଏକ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠର ପ୍ରଧାନଶିକ୍ଷକ ଗୌତମ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅକ୍ଷୟ କୁମାର ନନ୍ଦ, ରମାନାଥ ପ୍ରହରାଜ, ମହନ୍ତ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସବିତା ଦାସ, ଆଲୋକ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଫର୍ମେଟିଭ୍ ଆସେସମେଣ୍ଟ, ସମେଟିଭ୍ ଆସେସମେଣ୍ଟ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏଥିରେ ପରୀକ୍ଷା ଖାତା ମୂଲ୍ୟାୟନ ବିଷୟରେ ଆଲୋଚନା ହୋଇଥିଲା। ଶିକ୍ଷକ ଶିବ ପ୍ରସାଦ ପତି ଧନ୍ୟବାଦ ଦେଇଥିଲେ।

## ଆଇନ ସଚେତନତା କାର୍ଯ୍ୟକ୍ରମ

**ଚୌଦ୍ୱାର,୨୭।୧୦(ଡି.ଏନ୍.ଏ.):** କଟକ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚୌଦ୍ୱାରସ୍ଥିତ ପୂର୍ତ୍ତ ଡାକବଙ୍ଗଳାରେ ଆଇନ ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ବିପିନ ଚୌଧୁରୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପ୍ରାଧିକରଣ ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ ଓ ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଗରିବ, ଅସହାୟ, ବରିଷ୍ଠ ନାଗରିକ, ପୀଡ଼ିତ ମହିଳାଙ୍କୁ ମାଗଣା ଆଇନ ସେବା କିପରି ଉପଲବ୍ଧ ହୋଇପାରିବ ସେ ସମ୍ପର୍କରେ ସଚେତନ କରିଥିଲେ। ପୀଡ଼ିତମାନଙ୍କୁ ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ନିଶୁଳ୍କ ଆଇନ ସେବା ପ୍ରଦାନ କରାଯିବ ବୋଲି ସଚିବ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାନ୍ତ ଦାସ, ବିଶ୍ୱନାଥ ମହାନ୍ତି, ରବୀନ୍ଦ୍ର ଦଳାଇ, ଅର୍ଜୁନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାମାଜିକ କର୍ମୀ କଲ୍ୟାଣୀ ସାହାଣୀ ସଂଯୋଜନା କରିଥିଲେ। ନବପ୍ରଭାତ ଆଞ୍ଚଳିକ ମହାସଂଘର ସଦସ୍ୟା, ଆଶାକର୍ମୀଙ୍କ ସମେତ ବହୁସଂଖ୍ୟକ ମହିଳା ଏଥିରେ ଯୋଗଦେଇଥିଲେ।

## ଚୌଦ୍ୱାର ସର୍କଲ ଜେଲରେ ଖୋଲିଲା ପାଠାଗାର

**ଚୌଦ୍ୱାର,୨୭।୧୦(ଡି.ଏନ୍.ଏ.):** ଚୌଦ୍ୱାର ଜେଲ ଅନ୍ତେବାସୀଙ୍କ ମଧ୍ୟରେ ଆଧ୍ୟାତ୍ମିକ, ସାମାଜିକ ଓ ସାଂସ୍କୃତିକ ଚେତନା ଜାଗୃତ ପାଇଁ ଜେଲ ସଭାଗୃହରେ 'ଗିରିଜା ଜ୍ଞାନ ଭଣ୍ଡାର' ନାମରେ ଏକ ପାଠାଗାର ବୁଧବାର ଖୋଲାଯାଇଛି। ଚଣ୍ଡିପ୍ରସାଦ ଫାଉଣ୍ଡେସନ୍ ଟ୍ରଷ୍ଟ ଓ ମାଷ୍ଟର ଗିରିଜା ରୋଡ ସେଫ୍ଟି ଫାଉଣ୍ଡେସନ୍ ପକ୍ଷରୁ ଏହି ପାଠାଗାରକୁ ପ୍ରବନ୍ଧ, ଗଳ୍ପ, ଆଧ୍ୟାତ୍ମିକଜ୍ଞାନ, କବିତା ପୁସ୍ତକ, ଗୀତା, ଭାଗବତ, ରାମାୟଣ ଭଳି ବହୁ ପୁସ୍ତକ ଓ ବିଭିନ୍ନ ପତ୍ରିକା ଯୋଗାଇ ଦିଆଯାଇଛି। ଆଗାମୀ ଦିନରେ ଏହି ପାଠାଗାରକୁ ପର୍ଯ୍ୟାପ୍ତ ଉପାଦେୟ ପୁସ୍ତକ ଯୋଗାଇ ଦିଆଯିବ ବୋଲି ଟ୍ରଷ୍ଟ ଅଧକ୍ଷା ଅମୀୟବାଳା ପରିଡ଼ା ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜେଲ ଅଧୀକ୍ଷକ ସତ୍ୟ ପ୍ରକାଶ ସ୍ୱାଇଁ, ଜେଲର ବିଭୁଦେନ୍ଦୁ ଭୂୟାଁ, ରାମକୃଷ୍ଣ ଦାସ, ନରୋତ୍ତମ ଦାସ, ଗୀତିକାର ଜୟଶ୍ରୀ ଧଳ, ବିନୋଦ କୁମାର ପ୍ରଧାନ ଓ ସାମୁଏଲ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ମଦଭାଟିରେ ଗଣ୍ଡଗୋଳ, କଟୁରି ଚୋଟରେ ଯୁବକ ଗୁରୁତର

**ସାଲେପୁର,୨୭।୧୦(ଡି.ଏନ.ଏ.):** ସାଲେପୁର ଥାନାଠାରୁ ୩ ଶହ ମିଟର ଦୂରରେ ଅବସ୍ଥିତ ଏକ ସରକାରୀ ଦେଶୀ ମଦଭାଟିରେ ବୁଧବାର ସକାଳେ ଦୁଇ ଜଣଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ଉଗ୍ରରୂପ ନେବାରୁ ଜଣଙ୍କର କଟୁରି ଚୋଟରେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଉଛନ୍ତି ରାଜୁ ନାୟକ (୩୪)। ତାଙ୍କ ଘର କେନ୍ଦ୍ରାପଡ଼ା ଅଞ୍ଚଳରେ ହୋଇଥିବା ବେଳେ ସେ କିଛିଦିନ ହେବ ଲୁଣାହାର ଗାଁର ୬ ନଂ.କେନାଲ ବନ୍ଧ ଉପରେ ଝୁମ୍ପୁଡ଼ି ଘର କରି ପରିବାର ସହ ରହି ଶ୍ରମିକ ଭାବେ କାମ କରୁଥିଲେ। ଆହତଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଆହତଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବା ପୋଲିସ ସୂଚନା ଦେଇଛି। ହେଲେ ଆକ୍ରମଣକାରୀ ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖିଛି।

# ବୃଦ୍ଧଙ୍କୁ କଚାଡ଼ି ମାରିଲା ହାତୀ

### ଲୋକେ ଆତଙ୍କିତ, ଘର ଭାଙ୍ଗିଲା, ଧାନକ୍ଷେତ ଉଜାଡ଼ିଲା

**ନିଶ୍ଚିନ୍ତକୋଇଲି,୨୭।୧୦ (ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା କଟିକଟା ପଞ୍ଚାୟତ ରାମରାଙ୍ଗ ଗାଁରେ ବୁଧବାର ଅପରାହ୍ନରେ ହାତୀ ଭାଗବତ ବେହେରା(୭୫)ଙ୍କୁ କଚାଡ଼ି ମାରି ଦେଇଛି। ହାତୀ ଯିବା ବାଟରେ ଘର, ଦୋକାନ ଭାଙ୍ଗିବା ସହ ଧାନକ୍ଷେତ ଚକଟି ନଷ୍ଟ କରି ଦେଇଛି। ହାତୀକୁ କାବୁ କରିବା ନିମନ୍ତେ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଏହି ଘଟଣାକୁ କେନ୍ଦ୍ରକରି ସାଧାରଣରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରୁ ହାତୀ ଅପରାହ୍ନରେ ରାମରାଙ୍ଗ ଗାଁ ଭିତରକୁ ପଶି ଆସିଥିଲା। ଏହି ସମୟରେ ଗାଁର ବୃଦ୍ଧ ଭାଗବତ ବଗିଚାରେ ବସି ଘାସ ବାଛୁଥିଲେ। ହାତୀଟି ଘର ପଛପଟ ଦେଇ ତାଙ୍କ ବଗିଚା ଭିତରକୁ ପଶିଥିଲା। ବଗିଚାରୁ ବାହାରିବା ଉଦ୍ୟମ କରିଥିବା ବେଳେ ବଗିଚା ଆଗରେ ଥିବା ଫାଟକ ବନ୍ଦ ଥିବାରୁ ସେ ପାଚେରି ଡେଇଁ ଯିବାବେଳେ ଆଘାତ ପାଇଥିଲା। ଫଳରେ ସେ ହିଂସ୍ର ହୋଇପଡ଼ିଥିଲା। ଭାଗବତ ହାତୀକୁ ଦେଖି ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ହାତୀ ଶୁଣ୍ଢରେ ଭାଗବତକୁ ଘୋଷାଡ଼ି ଆଣି ତଳେ ପକାଇ ଚକଟି


ଚାଷଜମିରେ ହାତୀ ।

ଦେଇଥିବା ପ୍ରତ୍ୟକ୍ଷଦର୍ଶୀ ଲକ୍ଷ୍ମଣ ମଲିକ କହିଛନ୍ତି। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ତାହୁଁ ତାହୁଁ ହାତୀଟି ଉତ୍ପାତ ଆରମ୍ଭ କରି ଦେଇଥିଲା। ହାତୀଟି କଟିକଟା ବଜାରରେ ଥିବା ନିରଞ୍ଜନ ରଥ ଓ ଲକ୍ଷ୍ମୀଧର ମିଶ୍ରଙ୍କ ଘର ଭାଙ୍ଗି ଦେଇଥିଲା। କଟିକଟା, କେଷ୍ଟାଳୋ ଦେଇ କୁଳବଡ଼କ୍ଷୀର ଗ୍ରାମ ନିକଟରେ ଥିବା ଲୁଣାନଦୀ ପଠାକୁ ପଳାଇ ଯାଇଥିଲା। ଖବର ପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ, ବନ ବିଭାଗର କର୍ମଚାରୀ, ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଆୟତ୍ତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଜାରି ରଖିଥିଲେ ମଧ୍ୟ କାବୁ କରିବାକୁ ସକ୍ଷମ ହୋଇନାହାନ୍ତି। ହାତୀଟି ଅନ୍ଧାରର ସୁଯୋଗ ନେଇ ବିଲକୁ ବିଲ ଅତିକ୍ରମ କରି ଚାଲିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧ ଭାଗବତଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଏ ସମ୍ପର୍କରେ ମୃତ ବୃଦ୍ଧଙ୍କ ପୁତ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଚିନ୍ମୟୀ ସାହୁ ପ୍ରକାଶ କରିଛନ୍ତି। ଅପରପକ୍ଷରେ ହାତୀକୁ ଭୟଭୀତ ନ କରାଇବା ଓ ସୁରକ୍ଷିତ ସ୍ଥାନକୁ ଚାଲିଯିବା ନିମନ୍ତେ ଲୋକଙ୍କୁ ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସତର୍କ ସୂଚନା ପ୍ରଦାନ କରାଯାଉଛି।

ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ହାତୀଟି ଯାଜପୁର ଜିଲାରୁ ଆସି ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ଜିଗ୍ନିପୁର, ଫଗୋଳ, ରାମକୃଷ୍ଣପୁର, ଜୟରାମପୁର ପ୍ରଭୃତି ପଞ୍ଚାୟତର ବ୍ୟାପକ କ୍ଷୟକ୍ଷତି କରାଇଥିଲା। ଏ ସମ୍ପର୍କରେ କଟକ ସିଟି ରେଞ୍ଜର ଦୁର୍ଗାଚରଣ ସାହୁଙ୍କୁ ପଚାରିବାରେ ମୃତ ଭାଗବତଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବ। ପ୍ରଥମେ ତାଙ୍କୁ ୪୦ ହଜାର ଟଙ୍କା ଦିଆଯାଇଛି। ତଦନ୍ତ ପରେ କ୍ଷତିଗ୍ରସ୍ତ ଧାନ ଚାଷୀଙ୍କୁ ଏକର ପିଛା ୧୦ ହଜାର ଟଙ୍କା ଦିଆଯିବ। ହାତୀକୁ କାବୁ କରିବାକୁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି।



ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟ କରିଥିବା କଟକ ଜିଲା ପ୍ରହରାଜପୁର ଗ୍ରାମର ଶ୍ରମିକଙ୍କୁ ବକେୟା ମଜୁରି ଓ ଜବ୍‌କାର୍ଡ ପ୍ରଦାନ ଦାବିରେ କଟକ ସଦର ବ୍ଲକ ଅଫିସ ସମ୍ମୁଖରେ ବୁଧବାର ଏସ୍‌ୟୁସିଆଇ(ସି) ପକ୍ଷରୁ ବିକ୍ଷୋଭ।

# କୁଶୁପଙ୍ଗୀ ପଞ୍ଚାୟତରେ ଭିଜିଲାନ୍ସ ତଦନ୍ତ

**ବାଙ୍କୀ,୨୭।୧୦ (ସ୍ୱ.ପ୍ର.)**

ଡମପଡ଼ା ବ୍ଲକ କୁଶୁପଙ୍ଗୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ଜେନା ପଞ୍ଚାୟତରେ ହୋଇଥିବା ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୩୭ଟି ପ୍ରକଳ୍ପ ଦୁର୍ନୀତି ସମ୍ପର୍କରେ ରାଜ୍ୟ ଲୋକାୟୁକ୍ତଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଭିଜିଲାନ୍ସ ଇନ୍ସପେକ୍ଟର ଅନୁପମା ସାହୁଙ୍କ ନେତୃତ୍ୱରେ ବୈଷୟିକ ପ୍ରତିନିଧି ଦଳ ଆସି ପଞ୍ଚାୟତର କାର୍ଯ୍ୟାଳୟଠାରେ ବୁଧବାର ପ୍ରଥମ ଦିନରେ ୩ ଗୋଟି ପ୍ରକଳ୍ପର ଦୁର୍ନୀତି ଅଭିଯୋଗ ହୋଇଥିବା ସମ୍ପର୍କରେ ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟ ପଛପଟେ ମାଟି ଫିଲିଂ ସମ୍ପର୍କରେ ତନଖି କରିବା ସହ ମାପଚୁପ କରିଥିଲେ।

ପଞ୍ଚାୟତରେ ଭିଜିଲାନ୍ସ ତଦନ୍ତ ପାଇଁ କଂଗ୍ରେସ ଓ ଭାଜପା ପକ୍ଷରୁ ପୃଥକ୍ ଭାବେ ଜିଲା ପ୍ରକଳ୍ପ ଅଧିକାରୀଙ୍କ ପାଖରେ ଦାବି କରାଯାଇଥିଲା। ମାତ୍ର ଏ ସମ୍ପର୍କରେ ଏ ପର୍ଯ୍ୟନ୍ତ ତଦନ୍ତ ହୋଇନାହିଁ। ଅଭିଯୋଗ ହୋଇଥିବା ସମସ୍ତ ପ୍ରକଳ୍ପର ତଦନ୍ତ ସରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତକାରୀ ଅଧିକାରିଣୀ ପ୍ରକାଶ କରିଛନ୍ତି। ଲୋକାୟୁକ୍ତଙ୍କ ତଦନ୍ତ ଠିକ୍ ଭାବେ ହେବା ପାଇଁ କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ତଥା ରାଜ୍ୟ କଂଗ୍ରେସ ଉପସଭାପତି ଡ.ଦେବାଶିଷ ପଟ୍ଟନାୟକ ଦାବି କରିଛନ୍ତି।


ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ କୁଶୁପଙ୍ଗୀ ପଞ୍ଚାୟତରେ ଭିଜିଲାନ୍ସ ତଦନ୍ତ।

## ଇ-ଶୌଚାଳୟ ଉଦ୍‌ଘାଟିତ

**କଟକ ଅଫିସ,୨୭।୧୦**

କଟକ ମହାନଗର ନିଗମ (ସିଏମ୍‌ସି) ଓ ଇଆରଏମ୍‌ଏମ୍ ମିଳିତ ଆନୁକୂଲ୍ୟରେ ସହରର ମଧୁପାଟଣା ଏବଂ ଓଏମ୍‌ପି ଛକରେ ଖାଦ୍ୟ କିଓସ୍କ, ଇ-ଶୌଚାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସିଏମ୍‌ସି କମିଶନର ଅନନ୍ୟା ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଦୁଇ ସ୍ଥାନରେ କଫି ଶପ୍, ଖାଦ୍ୟ ସାମଗ୍ରୀ ଦୋକାନ ଏବଂ ଇ-ଶୌଚାଳୟ ରହିଛି। ଏହି ଶୌଚାଳୟରେ ୧ଟଙ୍କା ପକାଇ ସାଧାରଣ ଲୋକ ଏହାକୁ ବ୍ୟବହାର କରିପାରିବେ। ଇ-ଶୌଚାଳୟରୁ ବାହାରିବାକୁ ଥିବା ବର୍ଜ୍ୟବସ୍ତୁ ଖତ କରାଯିବ। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀକୁ ହସ୍ତାନ୍ତର କରାଯାଇଛି। କଟକରେ ପୂର୍ବରୁ ଏହି ବ୍ୟବସ୍ଥା ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାଦ୍ୱାରା ଲୋକେ ଉପକୃତ ହୋଇପାରିବେ ବୋଲି ମଧୁପାଟଣାସ୍ଥିତ ଇ-ଶୌଚାଳୟ ଦାୟିତ୍ୱରେ ଥିବା ଜୟଗୁରୁ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଗୀତାଞ୍ଜଳି ନାୟକ କହିଛନ୍ତି।

# ନିରପେକ୍ଷ ତଦନ୍ତ, ଦୋଷୀଙ୍କୁ ଦଣ୍ଡ ପ୍ରଦାନ ଦାବିରେ ବିକ୍ଷୋଭ

**କଟକ ଅଫିସ, ୨୭।୧୦**

### ମମିତା ହତ୍ୟା ଘଟଣା

- ଦରଘାବଜାର ଥାନା ସମ୍ମୁଖରେ ପ୍ରତିବାଦ ସଭା

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କୁ କଠୋର ଶାସ୍ତି ପ୍ରଦାନ ଦାବିରେ ଏଆଇଡିଏସ୍‌ଓ, ଏଆଇଡିୱାଇଓ ଏବଂ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ବୁଧବାର କଟକସ୍ଥିତ ଡିଜିପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଡିଜିପି ଅଭୟଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, କର୍ତ୍ତବ୍ୟରେ ଅବହେଳା କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ନାରୀଙ୍କ ସୁରକ୍ଷା, ଅଶ୍ଳୀଳତା, ଅପସଂସ୍କୃତି, ମାଦକ ଦ୍ରବ୍ୟର ପ୍ରସାର ବନ୍ଦ କରିବା, ରାଜ୍ୟରେ ହତ୍ୟା, ବଳାତ୍କାର କରିଥିବା ଅପରାଧିଙ୍କୁ ଗିରଫ କରିବା ପରିବର୍ତ୍ତେ ପୋଲିସ, ପ୍ରଶାସନ, ରାଜନେତାମାନେ ସେମାନଙ୍କୁ ଘଣ୍ଟ ଘୋଡାଇ ଚାଲିଛନ୍ତି। ମମିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବା ପାଇଁ ଦାବି କରାଯାଇଛି। ଏହି ବିକ୍ଷୋଭରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନର ରାଜ୍ୟ ସମ୍ପାଦିକା ସ୍ୱୟଂପ୍ରଭା ନାୟକ, ସମ୍ପାଦକ ମଣ୍ଡଳୀ ସଦସ୍ୟା ବିଜୟଲକ୍ଷ୍ମୀ ପାତ୍ର, ଶୁଭଶ୍ରୀ ଦାସ, ଏଆଇଡିଏସଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ଉପ ସଭାପତି ସିଦ୍ଧାର୍ଥ ରଥ, ଭାଗ୍ୟରବି ଦାସ, ବିନୋଦ ସେଠୀ, ଟିକା ସାମଲ, ପ୍ରତାପ ମିଶ୍ର, ତରୁଣସେନ ନାୟକ ପ୍ରମୁଖ ସାମିଲ ହୋଇଥିଲେ।



ଡିଜିପି ଅଫିସ ସମ୍ମୁଖରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ।

ସେହିପରି ମମିତା ହତ୍ୟା ଘଟଣା ପ୍ରତିବାଦରେ ଭାଜପା ଗୋପାଳଜୀଉ ମଣ୍ଡଳ ପକ୍ଷରୁ ବୁଧବାର କଟକ ଦରଘାବଜାର ଥାନା ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତି ଥିବା ଅଭିଯୋଗରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଓ ସମସ୍ତ ଦୋଷୀଙ୍କୁ ଗିରଫ ଦାବିରେ ସଭାରେ ବକ୍ତାମାନେ ଦାବି କରିଥିଲେ। ମଣ୍ଡଳ ସଭାପତି ଦେବାନନ୍ଦ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ନଗର ଭାଜପା ସଭାପତି ଲଲାଟେନ୍ଦୁ ବଡୁ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଶିବେଶ ମିଶ୍ର, ଜିଲା ମିଡ଼ିଆ ସଂଯୋଜକ ସୁବାସ ମହାନ୍ତି, ମଣ୍ଡଳ ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ବେହେରା, ନ୍ୟାସନାଲ ଲୟର୍ସ ଫୋରମ ରାଷ୍ଟ୍ରୀୟ ସଂଯୋଜକ ସବ୍ୟସାଚୀ ମହାପାତ୍ର, ଅଭିଳାଷ ଜେନା, ନମିତା ମିଶ୍ର, ତପସ୍ୱିନୀ ବେହେରା, ସରିତା ମୁଦୁଲି, ବ୍ରଜକିଶୋର ସାହୁ, ବୀଣାପାଣି ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମମିତା ହତ୍ୟା ଘଟଣା ପ୍ରତିବାଦରେ ବାରବାଟୀ ମଣ୍ଡଳ ସଭାନେତ୍ରୀ ପୁଷ୍ପିତା ମହାପାତ୍ରଙ୍କ ନେତୃତ୍ୱରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୋଧରେ କ୍ୟାଣ୍ଟନମେଣ୍ଟ ଥାନାଧିକାରୀଙ୍କୁ ଏଫ୍‌ଆଇଆର ଦିଆଯାଇଥିଲା। ଏଥିରେ ଜିଲା କାର୍ଯ୍ୟାଳୟ ସମ୍ପାଦକ ସୁଧୀର ଶତପଥୀ, ଜିଲା ସମ୍ପାଦକ ଜୟକୃଷ୍ଣ ସ୍ୱାଇଁ, ସଂଖ୍ୟାଲଘୁ ମୋର୍ଚ୍ଚା ଜିଲା ସଭାପତି ମହମ୍ମଦ ସବିର, ମଣ୍ଡଳ ସାଧାରଣ ସମ୍ପାଦକ ଶ୍ରୀନିବାସ ରେଡ୍ଡୀ, ସଦାନନ୍ଦ ବିଶ୍ୱାଳ, ସୁରେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଏଲିନା


@ ମନସ୍ମିତା


@ ବାବୁ


@ ପିଙ୍କି


@ ସତ୍ୟବାନ


@ ସୋନୁ


@ ପିଣ୍ଟୁ

## ମନ୍ତ୍ରୀଙ୍କ ବହିଷ୍କାର ଦାବିରେ କଂଗ୍ରେସର ବିକ୍ଷୋଭ

**ଆଠଗଡ଼, ୨୭।୧୦(ସ୍ୱ.ପ୍ର.)**

### ଅଧକ୍ଷା ମମିତା ମେହେର ହତ୍ୟା ଘଟଣା

କଳାହାଣ୍ଡି ଜିଲା ସନ୍‌ସାଇନ୍ ପବ୍ଲିକ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟସିଂହ ମିଶ୍ରଙ୍କ ବହିଷ୍କାର, ଘଟଣାର ସିବିଆଇ ତଦନ୍ତ ଦାବିରେ ଆଠଗଡ଼ କଂଗ୍ରେସ ପକ୍ଷରୁ ବୁଧବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ରାସରସିକପୁରସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ପିସିସି ସାଧାରଣ ସମ୍ପାଦକ ଉମାବଲ୍ଲଭ ରଥଙ୍କ ନେତୃତ୍ୱରେ ଦଳୀୟ କର୍ମୀଙ୍କ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ସେଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ହତ୍ୟାକାଣ୍ଡ ସମ୍ପୃକ୍ତ ମନ୍ତ୍ରୀ ମିଶ୍ର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ରକୁ ଉପଜିଲାପାଳ ଅଜାମ୍ବର ମହାନ୍ତି ଗ୍ରହଣ କରିଥିଲେ। ବିକ୍ଷୋଭରେ ସୋମନାଥ ଭକ୍ତା, ସୁଦର୍ଶନ ସାହୁ, ସୋମନାଥ ଦାସ, ଜିଲା କଂଗ୍ରେସ ଉପସଭାପତି ମେହେବୁବ ଅହମ୍ମଦ ଖାଁ, ମାନସ ରଞ୍ଜନ ପଟ୍ଟନାୟକ, ମନୋରଞ୍ଜନ ଦାସ, ଜିଲା ଯୁବ କଂଗ୍ରେସ ଉପସଭାପତି ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ସଂକ୍ଷେପରେ

### ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କଟକ ଅଫିସ,୨୭।୧୦- ରେଭେନ୍‌ଶା ଜୁନିୟର କଲେଜରେ ତ୍ରିଦିବସୀୟ କ୍ଲଷ୍ଟର ସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କଲେଜ ଅଧକ୍ଷା ପୁଷ୍ପାଞ୍ଜଳି ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରେଡ୍‌କ୍ରସର ଜିଲା ସଂଯୋଜକ ଅଧାପକ ଅକ୍ଷୟ ମହାନ୍ତି ଓ ଅନ୍ୟ ଅତିଥି ଭାବେ ଜାତୀୟସ୍ତରର ପ୍ରଶିକ୍ଷକ ଡ. ବିକାଶ ପ୍ରସାଦ ଯୋଗଦେଇ ରେଡକ୍ରସ ସ୍ୱେଚ୍ଛାସେବୀମାନେ ସମାଜସେବା କ୍ଷେତ୍ରରେ ଉତ୍ସର୍ଗୀକୃତ ମନୋଭବ ପ୍ରଦର୍ଶନ କରିବା ଆବଶ୍ୟକ ବୋଲି କହିଥିଲେ। ରେଡ୍‌କ୍ରସ ଅଫିସର ରୀତା ରାୟଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନଙ୍କୁ ରେଡ୍‌କ୍ରସର ଇତିହାସ, ଫାଷ୍ଟଏଡ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ରକ୍ତଦାନର ଉପକାରିତା ଓ ସଡ଼କ ନିରାପତ୍ତା ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି ଶିବିରରେ ଅଧାପିକା ପ୍ରତିଭାରାଣୀ ବାରିକ, ଅଧାପକ ପ୍ରଦୀପ୍ତ ପରିଡା, ଡ. ସବିତା ମିଶ୍ର, ଦେବସ୍ମିତା ମହାନ୍ତି, ଡ. ହରିଶ୍ଚନ୍ଦ୍ର ବେହେରା, ପ୍ରଦୀପ୍ତ ମିଶ୍ର, ଡ. ଜୟଶ୍ରୀ ମଲ୍ଲିକ ଯୋଗଦେଇଥିଲେ।

### କଂଗ୍ରେସ କର୍ମୀ ସମ୍ମିଳନୀ ‘ଦଳୀୟ ସଙ୍ଗଠନକୁ ବୁଥ୍‌ସ୍ତରରୁ ମଜଭୁତ କର’

କଟକ ଅଫିସ, ୨୭।୧୦- କଟକ ନଗର ୩୨ ନଂ. ୱାର୍ଡ କଂଗ୍ରେସ କମିଟିର କର୍ମୀ ସମ୍ମିଳନୀ ସ୍ଥାନୀୟ ଗଉଡ ସାହିଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଆଗାମୀ ପୌର ନିର୍ବାଚନ ପାଇଁ ଦଳୀୟ ସଙ୍ଗଠନକୁ ବୁଥ୍‌ସ୍ତରରୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଯୋଗଦେଇ ଦଳୀୟ କର୍ମୀମାନେ କେନ୍ଦ୍ର ସରକାରଙ୍କ ବିଫଳତା ଏବଂ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ କହିଥିଲେ। ପୂର୍ବତନ କର୍ପୋରେଟର ତଅପୋଇ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ କଟକ ନଗର ମହିଳା ସଭାନେତ୍ରୀ ଶୈଳବାଳା ଜେନା, ଦଳୀୟ ନେତା ଧୀରେନ୍ଦ୍ର ସେଠୀ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସନ୍ତୋଷ ପାତ୍ର, ଅଶ୍ୱିନୀ ମହାରଣା, ରବୀନ୍ଦ୍ର ସାହୁ, ତୃପ୍ତି ଦାସ, କ୍ଷୀରୋଦ କୁମାର ସାହୁ, ସେକ୍ ଆବିଦ୍ ପ୍ରମୁଖ ଉପସ୍ଥିତ ଥିଲେ।

### ସିଏମ୍‌ସି ହାତକୁ ଆସିଲା ଗାନ୍ଧୀ ସ୍ମାରକୀ ପାର୍କ

କଟକ ଅଫିସ,୨୭।୧୦- କଟକ ମହାନଗର ନିଗମ(ସିଏମ୍‌ସି) ହାତକୁ ଆସିଲା ବେଲଭ୍ୟୁ ଛକସ୍ଥିତ ଗାନ୍ଧୀ ସ୍ମାରକୀ ପାର୍କ। ପିଡବ୍ଲ୍ୟୁଡି ବିଭାଗ ବୁଧବାର ସିଏମ୍‌ସିକୁ ଏହି ପାର୍କ ଦାୟିତ୍ୱ ହସ୍ତାନ୍ତର କରିଛି। କୋଭିଡ୍ ମହାମାରୀ କାରଣରୁ ଦୀର୍ଘ ମାସ ହେବା ଉକ୍ତ ପାର୍କ ବନ୍ଦ ରହିଥିଲା। ଏହାକୁ ସଫା କରାଯିବା ସହ ଅନ୍ୟ କାମଗୁଡିକ ଶେଷ କରାଯାଇ ୩/୪ ଦିନ ମଧରେ ପାର୍କ ଖୋଲାଯିବ ବୋଲି ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି ସୂଚନା ଦେଇଛନ୍ତି। ଏହି ପାର୍କରେ ନୂତନ ଭାବେ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିବାବେଳେ ନର୍ତ୍ତକୀ ମୂର୍ତ୍ତି, ଆଇ ଲଭ କଟକ ଏକ ମୂର୍ତ୍ତି ସ୍ଥାନିତ କରାଯାଇଛି। ସୂଚନାଥାଉ କି ଗାନ୍ଧିଜୀଙ୍କ କଟକ ଆଗମନର ଶହେ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପାର୍କ ଉଦ୍‌ଘାଟନ କରିଥିଲେ।

### ଅସହାୟଙ୍କୁ ରାଶନ ସାମଗ୍ରୀ ବଣ୍ଟନ

କଟକ ଅଫିସ, ୨୭।୧୦- କଟକ ମହାନଗର ନିଗମ(ସିଏମ୍‌ସି) ୪୮ ନଂ. ୱାର୍ଡର କିଛି ଗରିବ ଅସହାୟ ପରିବାରକୁ ଅକ୍ଷୟ ପାତ୍ର ଫାଉଣ୍ଡେଶନ ପକ୍ଷରୁ ବୁଧବାର ଜଗତ୍‌ପୁର ଆଞ୍ଚଳିକ ସାମାଜିକ ସଙ୍ଗଠନ ସହଯୋଗରେ ସିଏମ୍‌ସି ୱାର୍ଡ ଅଫିସଠାରେ ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି। ପୂର୍ବତନ କର୍ପୋରେଟର ନୀରୋଦ ଚନ୍ଦ୍ର ପଣ୍ଡା, ହରିହର ପଣ୍ଡା, ଯୁବନେତା ମାନସ ପରିଡା, ତୀର୍ଥାନନ୍ଦ ପଣ୍ଡା, ଲୋକନାଥ ଶତପଥୀ, ରମେଶ ଶରଣ, ରଶିକାନ୍ତ ସାମଲ, ଇତିଶ ପଣ୍ଡା, ଚିତ୍ତ ରଞ୍ଜନ ମହାନ୍ତି ଓ ଦେବାନନ୍ଦ ବେହେରା ପ୍ରମୁଖ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ।

# ଉତ୍ସବ ମୁଖରିତ ହେବ ମଞ୍ଚ

## ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପ୍ରସ୍ତୁତି

- ୧ରୁ ମେଘ ଉତ୍ସବ, ୯ରୁ ଟ୍ରାଇବାଲ୍ ଫେଷ୍ଟିଭାଲ
- ଡିସେମ୍ବରରେ ‘ଲିଜେଣ୍ଡସ୍ ଅଫ୍ ଓଡ଼ିଶା ସିରିଜ୍-୧’



ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)

କରୋନା ମହାମାରୀ ଥମିଛି। ଦୀର୍ଘଦିନ ଧରି ଜୀବନଜୀବିକାକୁ ନେଇ ସଂଘର୍ଷ କରୁଥିବା କଳାକାରମାନେ ମଞ୍ଚକୁ ଯିବାକୁ ଚାହିଁ ବସିଛନ୍ତି। ଏପଟେ କରୋନାର କୋପ ଭିତରେ ଧୁନ୍ଦି ହେଉଥିବା ଶିଶୁଠାରୁ ବୟସ୍କ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ମନକୁ ଟିକେ ହାଲୁକା କରିବା ପାଇଁ ମଞ୍ଚ ବି ଖୋଜୁଛନ୍ତି। ଏପରିସ୍ଥଳେ ଦର୍ଶକଙ୍କୁ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଭେଟି ଦେବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଅଣ୍ଟା ଭିଡିଛି। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ସରକାରଙ୍କ ନୂଆ ଗାଇଡ୍‌ଲାଇନ୍‌କୁ ଅପେକ୍ଷା କରାଯାଇଛି। ସ୍ଥିତି ଅନୁକୂଳ ହେଲେ ନଭେମ୍ବରରୁ ଉତ୍ସବ ମୁଖରିତ ହେବ ମଞ୍ଚ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ, ପ୍ରଥମଥର ଲାଗି ରାଜ୍ୟର ଉପାନ୍ତ ଅଞ୍ଚଳ ମାଲକାନଗିରି ଜିଲାରେ ଅନୁଷ୍ଠିତ ହେବ ‘ରାଜ୍ୟସ୍ତରୀୟ ମେଘ ଉତ୍ସବ’। ଏଥିପାଇଁ ନଭେମ୍ବର ୧ ଓ ୨ ତାରିଖକୁ ସ୍ଥିର କରାଯାଇଛି। ଉତ୍ସବରେ ଶାସ୍ତ୍ରୀୟ ଓ ଲୋକନୃତ୍ୟ ସହିତ ଓଡ଼ିଶୀ ନୃତ୍ୟ, ସଙ୍ଗୀତ, ତାଳବାଦ୍ୟ, ସୁଗମ ସଙ୍ଗୀତ ଆଦି ପରିବେଷଣ କରାଯିବ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଶହେ ଜଣ କଳାକାର ଏଥିରେ ଅଂଶ ଗ୍ରହଣ କରିବେ। କେବଳ ସେତିକି ନୁହେଁ, ଆସନ୍ତା ୯ ଓ ୧୦ ତାରିଖରେ ନ୍ୟାଶନାଲ ଟ୍ରାଇବାଲ୍ ଫେଷ୍ଟିଭାଲ ମଧ୍ୟ ଆୟୋଜନ କରାଯିବ। ଇଷ୍ଟର୍ନ ଜୋନ୍ କଲ୍‌ଚରାଲ୍ କାଉନ୍‌ସିଲ (ଇଜେଡ୍‌ସିସି)ର ମିଳିତ ଆନୁକୂଲ୍ୟରେ ବାରିପଦାର ରାଇରଙ୍ଗପୁରଠାରେ ଏହି ଦୁଇଦିନିଆ ମହୋତ୍ସବରେ ରାଜ୍ୟରୁ ୬ଟି ଓ ରାଜ୍ୟ ବାହାରୁ ୪ଟି ଦଳ ଅଂଶ ଗ୍ରହଣ କରିବେ। ଝାଡ଼ଖଣ୍ଡର ଷଢେଇକଳା ସହିତ ପଶ୍ଚିମବଙ୍ଗର ପୁରୁଲିଆ ଛଉ, ଆସାମ ଏବଂ ପଞ୍ଜାବର ଲୋକନୃତ୍ୟ ଆଦି ଦେଖିବାକୁ ମିଳିବ। ଖୁବ୍‌ଶୀଘ୍ର ଆଉ ୨ଟି ଜିଲାରେ ଟ୍ରାଇବାଲ୍ ଫେଷ୍ଟିବାଲ ନେଇ ନିଷ୍ପତ୍ତି ହେବ। ସେହିପରି ୧୭ ଓ ୧୮ ତାରିଖରେ ରାଉରକେଲା ଓ ବ୍ରହ୍ମପୁରଠାରେ ଚିଲ୍‌ଡ୍ରେନ୍ ଥିଏଟର ଫେଷ୍ଟିଭାଲ ହେବ। ସ୍କୁଲରୁ ପିଲାଙ୍କୁ ନାଟକ ପ୍ରଶିକ୍ଷଣ ସହ ପ୍ରଦର୍ଶନ କରାଯିବ। ସେହିପରି ୨୮ ଓ ୨୯ ତାରିଖରେ ରାୟଗଡ଼ାରେ ‘ଲୋକ ନାଟକ ମହୋତ୍ସବ’ ଅନୁଷ୍ଠିତ ହେବ। ଏ ସମସ୍ତ କାର୍ଯ୍ୟକ୍ରମ କୋଭିଡ୍ କଟକଣା ମଧରେ ଆୟୋଜନ କରାଯିବ। ଡିସେମ୍ବରରେ ଭୁବନେଶ୍ୱରର ରବୀନ୍ଦ୍ରମଣ୍ଡପଠାରେ ‘ଲିଜେଣ୍ଡସ୍ ଅଫ୍ ଓଡ଼ିଶା ସିରିଜ୍-୧’ ପରିବେଷଣ କରାଯିବ। ଏଥିରେ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଧାରିତ ନାଟକ ପ୍ରଦର୍ଶନ ହେବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ବୁଧବାର ଆରମ୍ଭ ହୋଇଥିବା ଗୀତିନାଟ୍ୟ ମହୋତ୍ସବରେ ‘କର୍ଣ୍ଣବଧ’ର ଏକ ଦୃଶ୍ୟ।

## ବଦଳିଲା ୨ ପଞ୍ଚାୟତର ସଂରକ୍ଷଣ ତାଲିକା

କଣ୍ଟାପଡା, ୨୭।୧୦(ଡି.ଏନ୍.ଏ.)

ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ କଟକ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଚୂଡାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। କଣ୍ଟାପଡା ବ୍ଲକ ଦୁଇଟି ପଞ୍ଚାୟତର ସଂରକ୍ଷଣ ତାଲିକାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚୂଡାନ୍ତ ତାଲିକାରେ ୧୪ଟି ପଞ୍ଚାୟତ ମଧ୍ୟରୁ ନାହାଳପୁର ଓ ବଡପାଟସୁନ୍ଦରପୁର ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଥିବା ଜଣାପଡିଛି। ପୂର୍ବରୁ ପ୍ରକାଶ ପାଇଥିବା ସଂରକ୍ଷଣ ତାଲିକାରେ ନାହାଳପୁର ସରପଞ୍ଚ ପଦବୀ ଅଣସଂରକ୍ଷିତ ଥିବାବେଳେ ପାଟସୁନ୍ଦରପୁର ସରପଞ୍ଚ ପଦବୀ ମହିଳାଙ୍କ ପାଇଁ ଅଣସଂରକ୍ଷିତ ଥିଲା। ଚୂଡାନ୍ତ ତାଲିକାରେ ଏହି ୨ପଞ୍ଚାୟତର ସଂରକ୍ଷଣକୁ ଅଦଳବଦଳ କରାଯାଇଛି। ନାହାଳପୁର ସରପଞ୍ଚ ପଦବୀ ମହିଳାଙ୍କ ପାଇଁ ଅଣସଂରକ୍ଷିତ କରାଯାଇଥିବାବେଳେ ପାଟସୁନ୍ଦରପୁର ସରପଞ୍ଚ ପଦବୀକୁ ଅଣସଂରକ୍ଷିତ ରଖାଯାଇଛି। ଏହାକୁ ନେଇ ଉଭୟ ପଞ୍ଚାୟତରେ ଆଲୋଚନା ଜୋର ଧରିଛି। କେବଳ ଏହି ଦୁଇଟି ପଞ୍ଚାୟତ ସଂରକ୍ଷଣ ତାଲିକା ପ୍ରସ୍ତୁତବେଳେ ରାଜନୈତିକ ଚାପ ପଡିଛି ବୋଲି ଉଭୟ ବିରୋଧୀ ଓ ଶାସକ ଦଳର ଆଶାୟୀମାନେ କହିଛନ୍ତି। ଏ ସମ୍ପର୍କରେ କଣ୍ଟାପଡା ବ୍ଲକ ଜିପିଇଓ ସବିତା ଜେନା କହିଛନ୍ତି, ତାଲିକା ପରିବର୍ତ୍ତନ ଜିଲାସ୍ତରୀୟ କମିଟି ଦ୍ୱାରା କରାଯାଇଛି।

## ଥାନା ନୂତନ କୋଠା ଉଦ୍‌ଘାଟନ କଲେ ଡିଜିପି

କଟକ ଅଫିସ,୨୭।୧୦

ସୁନ୍ଦରଗଡ ଜିଲା କୁତ୍ରା ଥାନାର ନୂତନ କୋଠା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଡିଜିପି ଅଭୟ ଉଦ୍‌ଘାଟନ କରିଥିଲେ। ଭର୍ଚ୍ଚୁଆଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଡିଆଇଜି ଜୟନାରାୟଣ ପଙ୍କଜ, ସୁନ୍ଦରଗଡ ଏସ୍‌ପି ସାଗରିକା ନାଥଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନରସିଂହପୁରରେ ବନ୍ଦ ଡାକରା ସଫଳ

### ଭାଜପା ନେତା ବିଜୟ ଦଳବେହେରାଙ୍କ ଗିରଫ ଘଟଣା

ନରସିଂହପୁର, ୨୭।୧୦(ସ୍ୱ.ପ୍ର.)

କଟକ ଜିଲା ବଡମ୍ବା-ନରସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବିଜୟ କୁମାର ଦଳବେହେରାଙ୍କୁ ନରସିଂହପୁର ଥାନା ପୋଲିସ ବେଆଇନ ଭାବେ ଗିରଫ କରିଥିଲା। ଏହାର ପ୍ରତିବାଦରେ ଭାଜପା ପକ୍ଷରୁ ଦିଆଯାଇଥିବା ନରସିଂହପୁର ୮ ଘଣ୍ଟିଆ ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଛି। ବିଧାନସଭା ମଣ୍ଡଳୀର ୭୫ ପଞ୍ଚାୟତର ଜନସାଧାରଣ ଏହି ବନ୍ଦ ଡାକରାକୁ ସମର୍ଥନ ଜଣାଇଥିଲେ। ସମସ୍ତ ସ୍ଥାନରେ ଦୋକାନ, ବଜାର ବନ୍ଦ ସହ ଯାତ୍ରୀବାହୀ ବସ ଓ ଅନ୍ୟ ଗାଡି ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସମସ୍ତ ସ୍କୁଲ, କଲେଜ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସାପ୍ତାହିକ ହାଟ ବନ୍ଦ ରହିଥିଲା। ଭାଜପା କର୍ମୀମାନେ ନରସିଂହପୁର ବ୍ଲକର ଜିଲିଣ୍ଡା, ସରଧାପୁର, ବାଲିସାହି, କୋକଳବା, ପଞ୍ଚମୁଖୀ ଛକ, ଚମ୍ପେଶ୍ୱର, ହରିପୁର, କାନପୁର ପଞ୍ଚାୟତ ପ୍ରଭୃତିରେ ଭାଜପା କର୍ମୀମାନେ ଟାୟାର ଜାଳି ରାସ୍ତା ଉପରେ ବସି ରହିଥିଲେ। ସରଧାପୁର ପଞ୍ଚମୁଖୀ ଛକ, କୋକଳବା ଛକରେ ବିଧାୟକ ଦେବୀ ମିଶ୍ରଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ପୋଲିସର ବେଆଇନ କାମକୁ ନିନ୍ଦା କରାଯାଇଥିଲା।

ସୂଚନାଯୋଗ୍ୟ ଏକ ସାଧାରଣ ମାମଲାରେ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ବଚସା ପାରେ ମିଳାମିଶା ହୋଇଥିଲା। ହେଲେ ନରସିଂହପୁର ପୋଲିସ କେବଳ ଭାଜପା କର୍ମୀଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇଥିଲା। ପୋଲିସର ଏଭଳି କାମକୁ ବିରୋଧ କରି ଥାନା ଆଗରେ ବିକ୍ଷୋଭ ସମୟରେ ପୋଲିସ-ଜନତାଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଘଟିଥିଲା। ଏହି ଘଟଣାରେ ବିଧାୟକ ପ୍ରାର୍ଥୀ ଦଳବେହେରାଙ୍କ ସମେତ ଅନ୍ୟ ୨ ଜଣଙ୍କୁ ପୋଲିସ କରିଥିଲା। ବନ୍ଦ ପାଳନକୁ ଭାଜପା କଟକ ଜିଲା ସାଧାରଣ ସମ୍ପାଦକ ରାମ ନାରାୟଣ ମହାନ୍ତି, ବିରଞ୍ଚି ନାରାୟଣ ସାହୁ, ପ୍ରଫୁଲ୍ଲ କୁମାର ମୁଦୁଲି, ବିଭୂତି ସାହୁ, ସଞ୍ଜାଳି ବେହେରା ପ୍ରମୁଖ ପରିଚାଳନା କରିଥିଲେ। ତହସିଲଦାର ଆଲୋକ କୁମାର ଦେହୁରୀ ଓ ପୋଲିସ ଶାନ୍ତି ଶୃଙ୍ଖଳା ପ୍ରତି ଦୃଷ୍ଟି ଦେଇଥିଲେ।



ବନ୍ଦରେ ସାମିଲ ହୋଇଥିବା ଭାଜପା କର୍ମୀମାନେ।

## କମେଣ୍ଟ ମରାକୁ କେନ୍ଦ୍ରକରି ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

ବାଙ୍କୀ,୨୭।୧୦(ସ୍ୱ.ପ୍ର.)

ବାଙ୍କୀ ମହାବିଦ୍ୟାଳୟରେ ବୁଧବାର କମେଣ୍ଟ ମରାକୁ କେନ୍ଦ୍ରକରି ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଯାଇଛି। ବାଙ୍କୀ ଥାନା ପୋଲିସ ଓ ବାଙ୍କୀର ବହୁ ବୁଦ୍ଧିଜୀବୀ ଆସିବା ଫଳରେ ବଡ଼ଧରଣର ଗଣ୍ଡଗୋଳକୁ ରୋକାଯାଇ ପାରିଛି। ପୋଲିସ୍ ଅଧିକାରୀ ସୌମେନ୍ଦ୍ର ଶେଖର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ଲାଟୁନ୍ ଫୋର୍ସ କଲେଜଠାରେ ମୁତୟନ କରାଯାଇଛି। କଲେଜର କ୍ଲାସକୁ ୩ ଦିନ ପାଇଁ ବନ୍ଦ କରାଯାଇଛି। କେବଳ ପରୀକ୍ଷା ଓ ନାମଲେଖା ଚାଲୁ ରହିବ ବୋଲି ଅଧକ୍ଷ ଡ.ଅରୁଣ କୁମାର ବେହେରା ପ୍ରକାଶ କରିଛନ୍ତି। କଲେଜ ଭିତରକୁ ଛାତ୍ର କିମ୍ବା ଅଣଛାତ୍ର ପ୍ରବେଶ ନ କରିବା ଉପରେ ପୋଲିସ ତୀକ୍ଷ୍ଣ ଦୃଷ୍ଟି ରଖିଛି।

## ମଦ ଜବତ, ଯୁବକ ଗିରଫ

ଫୁଲନଖରା,୨୭।୧୦(ଡି.ଏନ.ଏ.)

ଚୋରାମଦ ବିକ୍ରି ଅଭିଯୋଗରେ ପାହାଳ ଫାଣ୍ଡି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଭୁବନେଶ୍ୱର ମହାନଗର ନିଗମ ୪ ନଂ. ୱାର୍ଡସ୍ଥିତ ନଖରା ଗ୍ରାମର ଅନନ୍ତ ଦାସ(୨୧)। ତାଙ୍କ ନିକଟରୁ ୧୦ ଲିଟର ମଦ ଜବତ ହୋଇଛି। ବହୁଦିନ ଧରି ସ୍ଥାନୀୟ ଅଞ୍ଚଳରେ ଚୋରାମଦ ବିକ୍ରି ହେଉଥିବା ଅଭିଯୋଗ ହେବା ପରେ ପୋଲିସ ଚଢାଉ କରି ନଖରା ଗ୍ରାମରୁ ଅନନ୍ତଙ୍କୁ ଗିରଫ କରିଥିଲା। ଏ ନେଇ ପୋଲିସ ଏକ ମାମଲା(ନଂ.୩୫୨/୨୧) ରୁଜୁ କରିଛି।

## ‘ଡାକ୍ତର ସମର୍ପଣ ଭାବନା ନେଇ ସେବା କରନ୍ତୁ’

### ଡ୍ରିମ୍‌ସରେ ବିଶ୍ୱ ଅକୁପେଶନାଲ ଥେରାପି ଦିବସ

କଟକ ଅଫିସ,୨୭।୧୦

ଟାଙ୍ଗୀସ୍ଥିତ ଡ୍ରିମ୍‌ସ କଲେଜ ଅଫ୍ ଅକ୍ୟୁପେସନାଲ ଓ ଫିଜିଓଥେରାପି ପକ୍ଷରୁ ଶିକ୍ଷାନୁଷ୍ଠାନ ପରିସରସ୍ଥ ଜୟଶ୍ରୀ ଅଡିଟୋରିୟମରେ ବିଶ୍ୱ ଅକ୍ୟୁପେସନାଲ ଥେରାପି ଦିବସ ବୁଧବାର ପାଳିତ ହୋଇଯାଇଛି। ଡ୍ରିମ୍‌ସ ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ଶୁଭେଚ୍ଛା ବାର୍ତ୍ତାରେ ଉତ୍ସବର ସଫଳତା ଓ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିରେ ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାରର ପ୍ରଫେସର ଅନୁରୂପା ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅକୁପେସନାଲ ଥେରାପି ଚିକିତ୍ସା ସମ୍ପର୍କରେ ଜନସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେହିପରି ମାନସିକ ରୋଗ ବିଶେଷଜ୍ଞ ନୀଳମାଧବ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡାକ୍ତରମାନେ ସମର୍ପଣ ଭାବନା ନେଇ ଲୋକଙ୍କ ସେବା କରିବାକୁ ପରାମର୍ଶ ଦେଇଥିଲେ। ଡା. ବିଶ୍ୱଜିତ୍ କାନୁନ୍‌ଗୋଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ଡା. ମେହେବୁବ୍ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା ଲାଗି ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଡା. ଦୁର୍ଗାପ୍ରସାଦ ମିଶ୍ର, ଅଙ୍କିତା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଭିନ୍ନକ୍ଷମ ଶିଶୁଙ୍କ ଚିକିତ୍ସା ନିମନ୍ତେ ଚାଇଲ୍ଡ ଡେଭଲପମେଣ୍ଟ ଆଣ୍ଡ ସେନସରୀ ଇଣ୍ଟିଗ୍ରେଶେନ ୟୁନିଟ୍ ଉଦ୍‌ଘାଟିତ ହୋଇଥିଲା। ଛାତ୍ରୀ ଦୀପା ଶର୍ମା କାର୍ଯ୍ୟକ୍ରମ ସଂଯୋଜନା ଓ ଡା. ଶୁଭାଶିଷ ନାୟକ ଧନ୍ୟବାଦ ଦେଇଥିଲେ।

## ‘ପ୍ଲାଷ୍ଟିକ ବର୍ଜନ ଜରୁରୀ’

ବାଙ୍କୀ,୨୭।୧୦ (ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ୨ଟି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ଡ.ଅରୁଣ କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କିସ୍ ବିଶ୍ୱବିଦ୍ୟାଳୟର ଏମିରେଟ୍ ପ୍ରଫେସର ରଞ୍ଜନ କୁମାର ବଳ ଯୋଗ ଦେଇ ଉଚ୍ଚଶିକ୍ଷା ଅନୁଷ୍ଠାନଙ୍କ ମୂଲ୍ୟାଙ୍କନ ପଦ୍ଧତି, ନୂତନ ଶିକ୍ଷାନୀତି ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ବୈଜ୍ଞାନିକ ଡ. ଚିତ୍ତରଞ୍ଜନ ମିଶ୍ର ଯୋଗଦାନ କରି ପ୍ଲାଷ୍ଟିକ୍ ପଦାର୍ଥ ବ୍ୟବହାର ଦ୍ୱାରା ବିଭିନ୍ନ ପ୍ରକାର ରୋଗ ସୃଷ୍ଟିର ଦିଗ ଉପରେ ଆଲୋଚନା କରିଥିଲେ। ପ୍ଲାଷ୍ଟିକ୍ ପଦାର୍ଥକୁ ବର୍ଜନ କରିବା ଜରୁରୀ ବୋଲି କହିଥିଲେ। ଏଥିରେ ଡ.ଅମରେନ୍ଦ୍ର ମିଶ୍ର, ଡ. ନିବାସିନୀ ପଣ୍ଡା ଯୋଗ ଦେଇଥିଲେ।

## ସାଇ ଇଣ୍ଟରନ୍ୟାଶନାଲକୁ ‘ସ୍କୁଲ୍ ଅଫ୍ ଏମିନେନ୍ସ ଆୱାର୍ଡ’

### ପୂର୍ବ ଭାରତର ଏକମାତ୍ର ସ୍କୁଲ ଭାବେ ସମ୍ମାନିତ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ ଏଜୁକେଶନ ୱାର୍ଲ୍ଡର ଏ++ ସର୍ବୋଚ୍ଚ ସମ୍ମାନ ‘ସ୍କୁଲ ଅଫ୍ ଏମିନେନ୍ସ ଆୱାର୍ଡ ୨୦୨୧-୨୨’ ପ୍ରଦାନ କରାଯାଇଛି। ଦେଶରୁ ମୋଟ ୭୧୬ ସ୍କୁଲ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବୁଧବାର ବେଙ୍ଗାଲୁରୁଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ପୂର୍ବ ଭାରତର ଏକମାତ୍ର ସ୍କୁଲ ଭାବେ ସାଇ ଇଣ୍ଟରନ୍ୟାଶନାଲକୁ ଏହି ସମ୍ମାନ ମିଳିଛି। ଭିତ୍ତିଭୂମି, ଶିକ୍ଷାଦାନ ଓ ମୂଲ୍ୟାଙ୍କନ, ଜାତୀୟ ଓ ଅନ୍ତର୍ଜାତୀୟ ସହଭାଗିତା, କ୍ରୀଡ଼ା ଏବଂ ସଂଯୁକ୍ତ ପାଠ୍ୟକ୍ରମ ସହ ପ୍ରଯୁକ୍ତିବିଦ୍ୟା ଏକୀକରଣ ପରିଚ୍ଛ ପାରାମିଟର ଆଧାରରେ ମୂଲ୍ୟାଙ୍କନ କରାଯାଇଥିଲା। ଏହି ଅବସରରେ ଶିଳ୍ପୀ ସାହୁ କହିଛନ୍ତି, ଗତବର୍ଷ ସ୍କୁଲକୁ ଦେଶର ଏକ ନମ୍ବର ମାନ୍ୟତା ମିଳିଥିବାବେଳେ ଆଜିର ଏହି ‘ସ୍କୁଲ ଅଫ୍ ଏମିନେନ୍ସ ଆୱାର୍ଡ’ ଆମକୁ ଆହୁରି ଆଗକୁ ଯିବା ପାଇଁ ସହଯୋଗ କରିବ। ଶିକ୍ଷା ମାଧ୍ୟମରେ ଏକ ଉନ୍ନତ ଭାରତ ଗଢ଼ିବା ହେଉଛି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ମୂଳ ଲକ୍ଷ୍ୟ। ଗୁଣାତ୍ମକ ଓ ଉଚ୍ଚମାନର ଶିକ୍ଷା ପ୍ରଦାନ କରିବାର ପ୍ରଚେଷ୍ଟା ଆଗାମୀ ଦିନରେ ଏହିପରି ଜାରି ରହିବ ବୋଲି ସେ କହିଛନ୍ତି।

# ୫ବର୍ଷରେ ସୃଷ୍ଟି କଲେ ୫ ଜଙ୍ଗଲ



## ସବୁଜ ବନାନୀ ପ୍ରଚେଷ୍ଟାରେ ଯୁବଗୋଷ୍ଠୀ

କଣ୍ଟାପଡା, ୨୭।୧୦ (ଡି.ଏନ୍.ଏ.)

ଜଙ୍ଗଲ କ୍ଷୟଯୋଗୁ ତାପମାତ୍ରା ବୃଦ୍ଧି ପାଉଛି। ଏପରିସ୍ଥଳେ କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣସାଇଲୋ ଗ୍ରାମ ପାର୍ଶ୍ୱରେ ଥିବା ସରକାରୀ ଅନାବାଦୀ ଜମିରେ ଗ୍ରାମର ଯୁବକମାନେ ଗତ ୫ବର୍ଷ ଭିତରେ ୫ଟି ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରି ସମଗ୍ର ଅଞ୍ଚଳ ପାଇଁ ଉଦାହରଣ ପାଲଟିଛନ୍ତି। ୨୦୧୭ ଅଗଷ୍ଟ ୧୫ ତାରିଖରେ ସ୍ଥାନୀୟ ଭୁବନେଶ୍ୱରୀ କ୍ଲବର ୩୦ ଜଣ ସଦସ୍ୟ ସବୁଜ ବନାନୀ ସୃଷ୍ଟି ପାଇଁ ମନ ବଳାଇଥିଲେ। ଏହାପରଠାରୁ ସେମାନେ ନିଜ ଖର୍ଚ୍ଚରେ ବାଲିଖିମା ପାଖ ସଫେଇପଡିଆ, ପଞ୍ଚାୟତ ବାଳିକା ବିଦ୍ୟାଳୟ ପଛପଟ, ଗାଁ ଠାକୁରାଣୀ ମନ୍ଦିର ସମ୍ମୁଖ ଟାଙ୍ଗରା ଭୂଇଁ, ରାସ୍ତା ପାର୍ଶ୍ୱ, ପୋଖରୀ ହୁଡା, ଅନାବାଦୀ ଓ ଗୋଚର ଜମିରେ ଜଙ୍ଗଲ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି। ଏହି ଜଙ୍ଗଲରେ ନିମ, ଜାମୁ, କାଜୁ, ବେଲ, ଆମ୍ବ, ପଣସ, ନଡିଆ, କଇଁଥ, ଓଉ, କରଞ୍ଜ, କରମଙ୍ଗା, କଦମ୍ବ, କନିଅର, ବର, ଅଶ୍ୱତ୍ଥ, ପେସ୍ତାବାଦାମ, ସ୍ୱର୍ଣ୍ଣଚମ୍ପା, କାମିନୀ, ଗଙ୍ଗଶିଉଳି, ସପେଟା, ହରିଡା, ବାହାଡା, ଅଁଳା, ହିଙ୍ଗୁଳ ଆଦି ଗଛ ଲଗାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଏମାନେ କ’ଣ କୁହନ୍ତି...

“ଜଙ୍ଗଲ ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ଅନେକ ସହୃଦୟ ବ୍ୟକ୍ତି ଓ ଗ୍ରାମବାସୀଙ୍କ ସହଯୋଗରେ ସୁରକ୍ଷା ବଳୟ କରି ଗଛଗୁଡିକୁ ବଢ଼ାଇବାରେ ସକ୍ଷମ ହୋଇଛୁ।

**-ବିକାଶ ରଞ୍ଜନ ମହାନ୍ତି, ସଭାପତି, ଭୁବନେଶ୍ୱରୀ କ୍ଲବ**

“ଆମ ଗାଁରେ ବହୁତ ଅନାବାଦୀ ଓ ଗୋଚର ଜମି ରହିଛି। ତେଣୁ ଆମେ ଗତ ୫ବର୍ଷ ଧରି ଜଙ୍ଗଲ ସୃଷ୍ଟି ଉଦ୍ଦେଶ୍ୟରେ ନିରବଚ୍ଛିନ୍ନ ଭାବେ କାମ କରିଆସୁଛୁ। ସମସ୍ତଙ୍କ ନିଷ୍ଠା ପାଇଁ ଏବେ ସଫଳ ହେବାକୁ ଯାଉଛୁ।

**-ଅଭିଜିତ୍ ପଟ୍ଟନାୟକ, ସମ୍ପାଦକ, ଭୁବନେଶ୍ୱରୀ କ୍ଲବ**

“ସାମାଜିକ ଗଣମାଧ୍ୟମରେ ଆମର ଏହି ଜଙ୍ଗଲ ସୃଷ୍ଟି କାର୍ଯ୍ୟକୁ ଅନେକ ବ୍ୟକ୍ତି ଓ ସଙ୍ଗଠନ ପ୍ରଶଂସା କରିବା ସହ ପ୍ରୋତ୍ସାହିତ କରିଛନ୍ତି। ଏହା ଆଗକୁ ବଢିବା ପାଇଁ ଆମ ମନବଳକୁ ଦୃଢ କରିଛି।

**-ପ୍ରଫୁଲ୍ଲ ମହାନ୍ତି, ସଦସ୍ୟ**

“ଏହି କାର୍ଯ୍ୟକୁ ଆଗେଇ ନେବାପାଇଁ ଗ୍ରାମର ନାରାୟଣ ପଣ୍ଡା, ପ୍ରଦୀପ୍ତ ମିଶ୍ର, ପତିତପାବନ ମହାପାତ୍ର, ସୌମ୍ୟରଞ୍ଜନ ରାଉତରାୟ, ମିହିର ମହାନ୍ତି, ଦୀପ୍ତି ନାରାୟଣ ମହାନ୍ତି, ଆଶୋକ ପଟ୍ଟନାୟକ, କିଶୋର ରାଉତରାୟଙ୍କ ସହଯୋଗ ଓ ଠିକ ପରାମର୍ଶ ଆମକୁ ନୂଆ ଦିଗଦର୍ଶନ ଦେଇଛି।

**-ରାଜେନ୍ଦ୍ର ମହାପାତ୍ର, ଗ୍ରାମବାସୀ**

## ସଂକ୍ଷେପରେ

### ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ରାସ୍ତା ଓଗାଳିଲେ ଭାଜପା କର୍ମୀ

ବ୍ରହ୍ମଗିରି,୨୭।୧୦(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକର ବ୍ରହ୍ମଗିରି ଥାନା ସମ୍ମୁଖରେ ବୁଧବାର ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଏକ କାର୍ଯ୍ୟକ୍ରମକୁ ଯାଉଥିବାବେଳେ ବାଟରେ ଭାଜପା କର୍ମୀମାନେ ରାସ୍ତା ଓଗାଳିଥିଲେ। ସୂଚନା ଥାଉ କି, ଭାଜପା ଦଳ ପକ୍ଷରୁ ବୁଧବାର ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ ଥିବା ସମୟରେ ଭାଜପାର ଶତାଧିକ ଯୁବ କର୍ମୀ ଏକ ବାଇକ୍ ଶୋଭାଯାତ୍ରାରେ ପୁରୀ ଅଭିମୁଖେ ଯାଉଥିଲେ। ସୌଭାଗ୍ୟବଶତଃ ଏହି ସମୟରେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସ ବର୍ମା ତାଙ୍କ ସୁରକ୍ଷା ବଳୟ ମଧ୍ୟରେ ସାତପଡା ଗ୍ରସ୍ତ କରୁଥାନ୍ତି। ହଠାତ ବ୍ରହ୍ମଗିରି ଥାନା ସମ୍ମୁଖରେ ଉଭୟଙ୍କ ମୁହାଁମୁହିଁ ହୋଇଯାଇଥିଲା। ସଞ୍ଜୟଙ୍କୁ ଦେଖି ଭାଜପା କର୍ମୀମାନେ ତାଙ୍କ ଗାଡି ସମ୍ମୁଖରେ ବାଇକ ରଖି ବିଭିନ୍ନ ସ୍ଲୋଗାନ ଦେବା ସହିତ ରାସ୍ତା ଛାଡି ନ ଥିଲେ।। ଫଳରେ ସଞ୍ଜୟଙ୍କ ସାଥୀରେ ଥିବା ସୁରକ୍ଷା କର୍ମୀଙ୍କୁ ରାସ୍ତା କ୍ଲିୟର କରିବାକୁ ନାକେଦମ ହେବାକୁ ପଡ଼ିଥିଲା। କିଛି ସମୟ ପରେ ଭାଜପା କର୍ମୀମାନେ ଚାଲିଯିବା ପରେ ସଞ୍ଜୟ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଥିଲେ।

### ବୋଲଗଡ଼ରେ କୃଷକ ସମାବେଶ

ବୋଲଗଡ,୨୭।୧୦(ଡି.ଏନ୍.ଏ.): ବୋଲଗଡ ବ୍ଲକ କଳାଙ୍ଗ ପଞ୍ଚାୟତ ଗୋଡଭଙ୍ଗା ଗ୍ରାମସ୍ଥିତ ବୋଲଗଡ଼ ଫାର୍ମସ ପ୍ରଡ୍ୟୁସର କମ୍ପାନୀ କାର୍ଯ୍ୟାଳୟର ନିଜସ୍ୱ ସଭାଗୃହରେ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଅଭୟ କୁମାର ଜୟସିଂହଙ୍କ ଆବାହକତ୍ୱରେ ଆୟୋଜିତ ସମାବେଶରେ ନୂଆଦିଲ୍ଲୀସ୍ଥିତ ହାଇଡନମେଟ (ଏଚ୍‌ଓ୍ୱାଇଡିଓ ଏନ୍‌ଏମ୍‌ଇଟି) ସଂସ୍ଥାର ଉପସଭାପତି ଶିବପ୍ରସାଦ ଚୋଳ ମୁଖ୍ୟ ଅତିଥି ଏବଂ ଇଂ.ଅକ୍ଷୟ ପଟ୍ଟନାୟକ, କୃଷିବିତ ବିଜୟ ମହାନ୍ତି, ଏକେଏସଏସ୍ ସଂସ୍ଥାର ସମ୍ପାଦକ ସୁବର୍ଣ୍ଣ କେଶରୀ ବଳିୟାରସିଂହ ଏବଂ ଭାସ୍କର ମଙ୍ଗରାଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାବେଶରେ ଭାରତ ସରକାରଙ୍କ ନୂତନ କୃଷିନୀତି, ଚାଷ ସବସିଡି ଧାନର ଅଭାବୀ ବିକ୍ରି, ମୁଗ ଓ ବିରି ର ଉଚିତ ମୂଲ୍ୟରେ ବିକ୍ରି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସମାବେଶରେ ଆଖପାଖ ଅଞ୍ଚଳରୁ ୪୦୦ ଜଣ କୃଷକ ଯୋଗଦେଇଥିବା ବେଳେ ସେମାନଙ୍କ ମଧ୍ୟରେ ସଂସ୍ଥା ତରଫରୁ ଚାଷ ସମ୍ବନ୍ଧୀୟ ବୁଦ୍ଧିମତା ପ୍ରତିଯୋଗିତା କରାଯାଇଥିଲା। ଏହି ବୋଲଗଡ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀରେ ୯୮୦ଜଣ କୃଷକ ବର୍ତ୍ତମାନ ସୁଦ୍ଧା ସଭ୍ୟପଦ ଗ୍ରହଣ କରିଥିବାରୁ ସଂସ୍ଥା ତରଫରୁ ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯିବାର ବନ୍ଦୋବସ୍ତ କରାଯାଇଥିଲା। ଗୌରାଙ୍ଗ ଚମ୍ପତି ସମାବେଶକୁ ପରିଚାଳନା କରିଥିବା ବେଳେ ମିଳନ ଜୟସିଂହ, ସମ୍ବିତ ରାଉତରାୟ, ରବୀନ୍ଦ୍ର ବାରିକ, କନକଲତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ଅନ୍‌ଲାଇନ୍ ପରୀକ୍ଷା ପାଇଁ ରମାଦେବୀ ଛାତ୍ରୀଙ୍କ ଦାବି

ଭୁବନେଶ୍ୱର,୨୭।୧୦(ବ୍ୟୁରୋ): ବିଭିନ୍ନ ଦାବି ନେଇ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ବୁଧବାର ଆନ୍ଦୋଳନ କରିଛନ୍ତି। ଛାତ୍ରୀମାନେ ଦାବି କରିଛନ୍ତି ଯେ, ଶିକ୍ଷା ବର୍ଷ ୨୦୨୧-୨୨ ରେ ଠିକ୍ ଭାବରେ ପାଠପଢ଼ା ହୋଇ ନାହିଁ। ତେଣୁ ଅନ୍‌ଲାଇନ୍ ପରୀକ୍ଷା ହେଉ ନଚେତ୍ ପରୀକ୍ଷା ବାତିଲ କରାଯାଉ। ସେହିପରି ଖାଲି ପଡ଼ିଥିବା ଅଧ୍ୟାପିକା ଓ ଅଧ୍ୟାପକ ପଦବୀ ଶୀଘ୍ର ପୂରଣ କରାଯାଉ। ଚାହିଦା ଥିବା ବିଭାଗରେ ସିଟ୍ ସଂଖ୍ୟା ବୃଦ୍ଧି କରାଯାଉ ବୋଲି ଛାତ୍ରୀମାନେ ଦାବି କରିଛନ୍ତି। ଛାତ୍ରୀମାନେ ଦାବି କରିଛନ୍ତି ଯେ, ରମାଦେବୀ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ ବାବଦରେ ତୁରନ୍ତ ନିଷ୍ପତ୍ତି ହେଉ। ଫୁଟ୍ ଓଭର୍ ବ୍ରିଜ ନେଇ ସ୍ମାର୍ଟ ସିଟିକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଶୀଘ୍ର ଚିଠି ଲେଖନ୍ତୁ। ସେହିପରି ଖେଳପଡ଼ିଆ ପାଇଁ ତୁରନ୍ତ ଜାଗା ଦିଅନ୍ତୁ, ନଚେତ୍ ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟ ସ୍ଥାନାନ୍ତର ହେଉ। ମା' ରମାଦେବୀଙ୍କ ସଂଗ୍ରହାଳୟ ରାସ୍ତାପାର୍ଶ୍ୱକୁ ସ୍ଥାନାନ୍ତର ହେଉ ଏବଂ ଆବଶ୍ୟକ ହେଲେ ସଂସ୍କୃତି ବିଭାଗକୁ ଚିଠି ଲେଖାଯାଉ। ଅପରିଷ୍କାର ଥିବା ଶୌଚାଳୟ ସଫା ହେଉ, ଭାଙ୍ଗିଯାଇଥିବା ଦ୍ୱାର ମରାମତି ହେଉ ଏବଂ ଅଧିକ ସଂଖ୍ୟକ ଛାତ୍ରୀଙ୍କ ପାଇଁ ବ୍ୟବସ୍ଥା ହେଉ ବୋଲି ଛାତ୍ରୀମାନେ ଦାବି କରିଛନ୍ତି।

# ହାତୀ ପାଇଁ ରାତି ଉଜାଗର

ଖୋର୍ଦ୍ଧା ଅଫିସ,୨୭।୧୦

**ମଞ୍ଚା ବାନ୍ଧି ଫସଲ ଜଗୁଛନ୍ତି ଜରିପୁଟ ଗ୍ରାମବାସୀ**
- ପଦକ୍ଷେପ ନେଉନି ବନ ବିଭାଗ
- ଚିନ୍ତାରେ ବିଭିନ୍ନ ଅଞ୍ଚଳର ଚାଷୀ



ଖୋର୍ଦ୍ଧା ବନଖଣ୍ଡ ଅନ୍ତର୍ଗତ ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ ଓ ବୋଲଗଡ଼ ବନାଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ଚନ୍ଦକା ଜଙ୍ଗଲରୁ ଖସି ଆସିଥିବା ହାତୀପଲ ଏବେ ଏହି ଅଞ୍ଚଳରେ ରହିଛନ୍ତି। ସେମାନେ ଦୈନିକ ଖାଦ୍ୟ ଲାଳସାରେ ଗାଁ ମୁହାଁ ହେଉଛନ୍ତି। ଚାଷୀଙ୍କ ଏକର ଏକର ଚାଷଜମିରେ ଫସଲ ଖାଇଯିବା ସହ ଦଳିମକଚି ନଷ୍ଟ କରୁଛନ୍ତି। ଗତ ଦୁଇ ସପ୍ତାହ ହେଲା ଏକ ହାତୀପଲ ଖୋର୍ଦ୍ଧା ଓ ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ଜରିପୁଟ ଜଙ୍ଗଲରେ ରହିଛନ୍ତି। ସଞ୍ଜ ନଇଁଲେ, ଗାଁମୁହାଁ ହେଉଛନ୍ତି। ଧାନଥୋଡ଼ ବାହାରିବା ସମୟରେ ହାତୀଙ୍କ ଉପଦ୍ରବ ଯୋଗୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଜରିପୁଟ ଗ୍ରାମର ଚିତ୍ତରଞ୍ଜନ ସାମନ୍ତରାୟ, ମନୋରଞ୍ଜନ ସାମନ୍ତରାୟ, କାଶୀନାଥ ଜଗଦେବ, ନଳିନିକାନ୍ତ ଛୋଟରାୟ, ଶିବଶଙ୍କର ଦାସ, ସୁକାନ୍ତ ଛୋଟରାୟ, ଶିବ ଚମ୍ପତି ପ୍ରମୁଖ କହିଛନ୍ତି, ସ୍ୱଳ୍ପ ବୃଷ୍ଟି, ଜଳବାୟୁ ପରିବର୍ତ୍ତନ ଏବଂ ଲଘୁଚାପଜନିତ ବନ୍ୟା ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏବେ ଧାନ ଅମଳ ସମୟରେ ହାତୀପଲ ଦାଉ ସାଧୁଛନ୍ତି। ଧାନକ୍ଷେତକୁ ହାତୀ ଦାଉରୁ ରକ୍ଷା କରିବା ଲାଗି ଚାଷୀମାନେ ମଞ୍ଚରା ବାନ୍ଧି ପାଳି କରି ରାତିରେ ଜଗୁଛନ୍ତି। ପ୍ରକୃତି ପରେ ଏବେ ହାତୀ ଦାଉ ଦୁଃଖ ଦେଉଛି। ହାତୀଙ୍କୁ ନିୟନ୍ତ୍ରଣ ଲାଗି ବନ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ନିରାଶ ହେବାକୁ ପଡ଼ିଛି। ଆମକୁ କ୍ଷତିପୂରଣ ନୁହେଁ ବରଂ ହାତୀଙ୍କୁ ରୋକିବା ଉପରେ ବନ ବିଭାଗ ଗୁରୁତ୍ୱ ଦେଉ ବୋଲି କ୍ଷତିଗ୍ରସ୍ତ ଗ୍ରାମବାସୀ କହିଛନ୍ତି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ବନାଞ୍ଚଳ ଅଧୀନ ଜରିପୁଟ, ଦଲେଇପୁଟ, ପାନବରଜ, ଦେଉଳଟାଙ୍ଗି, କାଇପଦର, ବେରୁଆଁ, ଶରଧାପୁର, ଛତିପୁର ଏବଂ ଟାଙ୍ଗୀ ବନାଞ୍ଚଳର ଗୟାବନ୍ଧ, ଡମଣଭୂଇ, ଜଙ୍କିଆ, ବାଲିଗାଡିଆ, ମୋଟା, ଗୋଲବାଇ, ହଜ, ନାରଗୋଦା, ଟାଙ୍କୋଲ, ସିକୋ ପ୍ରଭୃତି ଗ୍ରାମରେ ହାତୀ ଉପଦ୍ରବ ଲାଗିରହିଛି। ଗ୍ରାମବାସୀ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ରହିଛନ୍ତି। ହାତଗଣତି ବନ କର୍ମଚାରୀ ନିକଟ ଜଙ୍ଗଲରେ ଡ୍ୟୁଟି କରୁଛନ୍ତି। ତେବେ ହାତୀ ଘଉଡ଼ାଇବା ଲାଗି ଆବଶ୍ୟକ ଉପକରଣ ନ ଥିବାରୁ ସେମାନେ ଚୁପ୍ ବସୁଛନ୍ତି। ଏହି ବନଖଣ୍ଡରେ ଦୀର୍ଘବର୍ଷ ହେବ ହାତୀ-ମଣିଷ ଲଢେଇ ଜାରି ରହିଛି। ବନ ବିଭାଗ ତଥ୍ୟ ମୁତାବକ, ବିଭିନ୍ନ କାରଣରୁ ୨୧ରୁ ଊର୍ଦ୍ଧ୍ୱ ହାତୀଙ୍କ ଜୀବନ ଗଲାଣି। ବାରମ୍ବାର ହାତୀ-ମଣିଷ ଲଢେଇ ସତ୍ତ୍ୱେ ସ୍ଥାୟୀ ସମାଧାନ ଲାଗି ପଦକ୍ଷେପ ନିଆଯାଉ ନାହିଁ ବୋଲି ପରିବେଶବିତମାନେ କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଖୋର୍ଦ୍ଧା ବନ ଅଧିକାରୀ ଅସିତ ମିଶ୍ର ଏବଂ ଟାଙ୍ଗୀ ବନ ଅଧିକାରୀ ଆର୍.ପଣ୍ଡା କହିଛନ୍ତି, ହାତୀଙ୍କ ଗତିପଥ ଉପରେ ନଜର ରଖାଯାଇଛି। ହାତୀ ଚଲାବୁଲା କରୁଥିବା ଅଞ୍ଚଳରେ ଏକ ସ୍କ୍ୱାଡ୍ ପଇଁତରା ମାରୁଛନ୍ତି। ହାତୀଙ୍କ ଦ୍ୱାରା ଫସଲ ନଷ୍ଟ ହୋଇଥିବା ଅଭିଯୋଗ ମିଳିଲେ ଉପଯୁକ୍ତ କ୍ଷତିପୂରଣ ଦିଆଯାଉଛି।

## ଅସହାୟ ପରିବାରଙ୍କୁ ସାହାଯ୍ୟ କଲେ ବିଧାୟକ

ବୋଲଗଡ,୨୭।୧୦(ଡି.ଏନ୍.ଏ.)



ବିଧାୟକ ରାଜେନ୍ଦ୍ର ସାହୁ ଅସହାୟ ସୁରେନ୍ଦ୍ରଙ୍କ ସମସ୍ୟା ବୁଝୁଛନ୍ତି।

ବିଧାୟକ ରାଜେନ୍ଦ୍ର ସାହୁ ବୋଲଗଡ଼ ବ୍ଲକ ଅଞ୍ଚଳରେ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବାବେଳେ ଜଣେ ଗଣମାଧ୍ୟମଙ୍କଠାରୁ ଏକ ଅସହାୟ ଆଦିବାସୀ ପରିବାର ବିଭିନ୍ନ ସରକାର ଯୋଜନାରୁ ବଞ୍ଚିତ ରହି ବହୁ ଦୁଃଖକଷ୍ଟରେ ଚଳୁଥିବା ଶୁଣିଥିଲେ। ଏହାପରେ ବିଧାୟକ ସାହୁ ସିଧାସଳଖ ସେହି ଅସହାୟ ପରିବାରଙ୍କୁ ଭେଟିବାକୁ ଯାଇଥିଲେ। ପରିବାର ଲୋକଙ୍କ ସମସ୍ତ ସମସ୍ୟା ଶୁଣିବା ସହ ସେଠାକାର ସରପଞ୍ଚ ଓ ୱାର୍ଡସଭ୍ୟଙ୍କୁ ଡକାଇ ସମସ୍ତ ସରକାରୀ ସହଯୋଗ ସେହି ପରିବାରକୁ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ଏପରି ସମସ୍ୟାକୁ ତାଙ୍କ ଦୃଷ୍ଟିକୁ ଆଣିଥିବାରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଆଗକୁ ଏପରି ଘଟଣାମାନ ଲୋକଲୋଚନକୁ ଆଣିବା ପାଇଁ ଉଦ୍ୟମ କରିବାକୁ ଅନୁରୋଧ କରିଥିଲେ। ବିଧାୟକଙ୍କ ଏହି ମହାନତା କାର୍ଯ୍ୟକୁ ଦେଖି ଗ୍ରାମବାସୀ ସାଧୁବାଦ ଜଣାଇଥିଲେ। ଏହି ଘଟଣା ବୋଲଗଡ ବ୍ଲକ ବଡକୁମ୍ଭାରୀ ପଞ୍ଚାୟତ ଅନ୍ତର୍ଗତ ଖଲ୍ଲିକୋଟ ଆଦିବାସି ସାହିରେ ଅସହାୟ ଅବସ୍ଥାରେ ରହୁଥିବା ସୁରେନ୍ଦ୍ର ନାୟକ(୫୦)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ସୁରେନ୍ଦ୍ରଙ୍କ ପରିବାର ଏକ ଜରିପାଲ ଘେରା ଦୁଇବଖରିଆ ଚାଳଛପର ମାଟି ଘରେ ରୁହନ୍ତି। ପରିବାର କହିଲେ ରୋଗଣା ମା ସହ କାନକୁ ଶୁଭୁ ନ ଥିବା ସ୍ତ୍ରୀ ପ୍ରମିଳା(୪୪) ଓ ଗୋଟିଏ ୧୩ ବର୍ଷୀୟା ଝିଅ। ଖଜୁରି ଝାଡୁ ତିଆରି କରି ଚଳୁଥିବା ବେଳେ ବିକ୍ରି ସେତେଟା ହୋଇ ନ ପାରିବାରୁ ପରିବାର ଚଳିବା କଷ୍ଟକର ହୋଇପଡୁଛି। ବେଳେବେଳେ ଦୁଇଓଳି ଦୁଇମୁଠା ଖାଇବାକୁ ମଧ୍ୟ ମିଳୁ ନାହିଁ। ସରକାରୀ ଆବାସ ଯୋଜନାରେ ଘର ଖଣ୍ଡିଏ ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ପାଇଁ ବହୁବାର ବ୍ଲକ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ଦୌଡୁଥିଲେ ମଧ୍ୟ କେବଳ ପ୍ରତିଶ୍ରୁତିରେ ସୀମିତ ରହିଛି ବୋଲି କ୍ଷୋଭ ଭରା କଣ୍ଠରେ ବିଧାୟକଙ୍କୁ ଅଭିଯୋଗ କରିଥିଲେ ସୁରେନ୍ଦ୍ର। ବିଧାୟକ ସାହୁ ସେମାନଙ୍କୁ ଆଶ୍ୱାସନା ଦେବା ସହ ସାଙ୍ଗରେ ଥିବା ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ ଓ ସ୍ଥାନୀୟ ୱାର୍ଡ ସଭ୍ୟ କରୁଣାକର ବେହେରାଙ୍କୁ ତୁରନ୍ତ ସରକାରୀ ଯୋଜନାରେ ଘର ଏବଂ ରାଶନ କାର୍ଡ ବ୍ୟବସ୍ଥା କରିବାକୁ କହିଥିଲେ।

## ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ବିଲକୁ ଓଲଟିଲା ଯାତ୍ରୀବାହୀ କ୍ୟାଣ୍ଟର

### ୧୫ ଆହତ,୫ ଗୁରୁତର

କୋଣାର୍କ, ୨୭।୧୦(ଡି.ଏନ୍.ଏ.)

କୋଣାର୍କ ଥାନା ଅଧୀନ କୋଣାର୍କ-କାକଟପୁର ମୁଖ୍ୟରାସ୍ତାର ଗୟଳ ଛକଠାରେ ବୁଧବାର ଏକ ଯାତ୍ରୀବାହୀ କ୍ୟାଣ୍ଟର ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ବିଲକୁ ଓଲଟି ପଡ଼ିଛି। ଫଳରେ ଗାଡ଼ିରେ ଥିବା ୧୫ଜଣ ଯାତ୍ରୀ ଆହତ ହୋଇଥିବାବେଳେ ୫ ଜଣ ଗୁରୁତର ହୋଇଛନ୍ତି। ଖବର ଅନୁଯାୟୀ, ଷୋଳପୁଅ ନାମକ ଯାତ୍ରୀବାହୀ କ୍ୟାଣ୍ଟର(ନଂ.ଓଆର୧୩ଏ ୪୩୦୫) କାକଟପୁରଠାରୁ ୩୫ଜଣ ଯାତ୍ରୀଙ୍କୁ ନେଇ ସନ୍ଧ୍ୟା ସମୟରେ ପୁରୀ ଅଭିମୁଖେ ଯାଉଥିଲେ। ହେଲେ ଗୟଳ ଛକଠାରେ କ୍ୟାଣ୍ଟରଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଧାନ ବିଲକୁ ଓଲଟି ପଡିଥିଲା। ଏହି କ୍ୟାଣ୍ଟରରେ ଥିବା ଯାତ୍ରୀମାନଙ୍କ ମଧ୍ୟରୁ ୧୫ଜଣ ଆହତ ହୋଇଥିବା ବେଳେ ୫ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଦେଖି ଗାଡ଼ି ନିକଟକୁ ଯାଇ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ପରେ ଖବରପାଇ କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଚମ୍ପାହର ଅଗ୍ନିଶମ ବିଭାଗ ସହାୟତାରେ ଆହତ ଓ ଗୁରୁତର ଭାବେ ଆହତ ହୋଇଥିବା ଯାତ୍ରୀମାନଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ କ୍ୟାଣ୍ଟରଟିକୁ ଜବତ କରି ଦୁର୍ଘଟଣାର କାରଣ ଓ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ତାହାର ବିଧିବଦ୍ଧ ତଦନ୍ତ କରାଯିବ ବୋଲି କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି।

## ବାଇକ୍ ଚୋରି ର୍ୟାକେଟ ଠାବ, ୪ ଗିରଫ

ଗୋପ,୨୭।୧୦(ଡି.ଏନ୍.ଏ.)

**୮ ବାଇକ୍ ସହ ଯନ୍ତ୍ରାଂଶ ଜବତ**

ଗତ କିଛି ମାସ ଧରି ଗୋପ ସମେତ ଆଖପାଖ ଥାନା ଅଞ୍ଚଳରେ ବାଇକ ଚୋରି କ୍ରମାଗତ ଭାବରେ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଆସୁଥିଲା। ଏହି ବାଇକ୍ ଚୋରି ଘଟଣାକୁ ଗୋପ ପୋଲିସ ଏକ ଚ୍ୟାଲେଞ୍ଜ ଭାବେ ନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଚଢ଼ାଉରେ ବାଇକ୍ ଚୋର ଗ୍ୟାଙ୍ଗକୁ ଠାବ କରିବା ସହ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ଗିରଫ କରିଥିବା ଗୋପ ଥାନାଧିକାରୀ କାଳନ୍ଦୀ ବେହେରା ବୁଧବାର ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି। ୪ ଅଭିଯୁକ୍ତ ହେଲେ ନିମାପଡ଼ା ଥାନା ବଡ଼ରିକୋଲର ଶଶିଭୂଷଣ ଦାସ, ମନୋଜ ରାଉତ, ଅଙ୍ଗାରପଡ଼ାର ବିଭୁପ୍ରସାଦ ଦାସ ଓ ବାଲିପାଟଣା ଥାନା ଅଞ୍ଚଳର ପ୍ରଦୀପ କୁମାର ଭୋଇ। ସେମାନଙ୍କଠାରୁ ୮ରୁ ଊର୍ଦ୍ଧ୍ୱ ଚୋରା ବାଇକ୍ ସହ ବିଭିନ୍ନ ଯନ୍ତ୍ରାଂଶ ଜବତ କରାଯାଇଛି। ଏଥିସହ ୪ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିବାବେଳେ ବିଚାର ବିଭାଗୀୟ ସେମାନଙ୍କୁ ଜେଲକୁ ପଠାଇଛନ୍ତି। ଏମାନଙ୍କ ନାମରେ ଏକାଧିକ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗୋପ ଅଞ୍ଚଳରେ ଗୋଟିଏ ମାସ ମଧ୍ୟରେ ଲଗାତର ବାଇକ୍ ଚୋରି ହେବାର ଅଭିଯୋଗ ହେଉଥିବା ବେଳେ ଗତ ୨୫ତାରିଖରେ ନାଗପୁର ବଜାରରେ ଶଶିଭୂଷଣ ଓ ମନୋଜ ଗାଡ଼ି ଚୋରି କରୁଥିବାବେଳେ ଲୋକେ ଧରି ପୋଲିସ ଜିମା ଦେଇଥିଲେ। ଗୋପ ପୋଲିସର ଏକ ଟିମ୍ ଗତ ୨ଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮ଟି ବାଇକ୍ ସହ କେତେକ ଗାଡ଼ିର ଯନ୍ତ୍ରାଂଶ ଜବତ କରିଥିଲେ। ଏଥିସହ ଗ୍ୟାଙ୍ଗର ଅନ୍ୟ ୨ଜଣଙ୍କୁ ଗିରଫ କରିଛି। ଚଢ଼ାଉରେ ଗୋପ ଥାନାଧିକାରୀ କାଳନ୍ଦୀ ବେହେରାଙ୍କ ସହ ଏସ୍‌ଆଇ ବଂଶୀଧର ବିଶ୍ୱାଳ, ସୁଶାନ୍ତ ଦାସ ପ୍ରମୁଖ ଥିଲେ।

## ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ରାସ୍ତାରୋକୋ

ଖୋର୍ଦ୍ଧା ଅଫିସ,୨୭।୧୦



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

ଖୋର୍ଦ୍ଧା ଟାଉନ ଥାନା ଅଧୀନ ଗୋଡ଼ିପୋଖରୀ ଅଞ୍ଚଳର କେତେକ ଦୋକାନରୁ ବାରମ୍ବାର ଚୋରି ସତ୍ତ୍ୱେ ଅଭିଯୁକ୍ତଙ୍କୁ ପୋଲିସ ଧରିପାରିନାହିଁ। ପୋଲିସର ଏହି ନିଷ୍କ୍ରିୟତା ପ୍ରତିବାଦରେ ବୁଧବାର କେତେଜଣ ଦୋକାନୀ ଟାୟାର ଜାଳି ଗୋଡ଼ିପୋଖରୀ ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଯାନବାହନ ଅଟକି ରହିଥିଲା। ଖବର ପାଇ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଆନ୍ଦୋଳନ ହଟିଥିଲା।

ସୂଚନା ଅନୁଯାୟୀ, ଗୋଡିପୋଖରୀ ଛକରେ ଏସ୍.କେ.ସକିଲଙ୍କର ଏକ ପୋଷାକ ଦୋକାନ ରହିଛି। ମଙ୍ଗଳବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଦୋକାନ ତାଲା ତାଡ଼ି ବହୁ ଡ୍ରେସ୍ କପଡ଼ା, ନଗଦ ୨୦ହଜାର ଟଙ୍କା ସମେତ ବହୁ ସାମଗ୍ରୀ ନେଇ ଫେରାର ହୋଇଯାଇଛି। ଏହି ଦୋକାନରୁ ପୂର୍ବରୁ ୩ଥର ଚୋରି ହେଲାଣି। ଏଥିସହିତ ପାଖରେ ଥିବା ଅନ୍ୟ ଦୋକାନରୁ ମଧ୍ୟ ଚୋରି ହେଉଛି। ଅଭିଯୋଗ ସତ୍ତ୍ୱେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଚୋରି ଘଟଣା ବୃଦ୍ଧି ପାଉଛି ବୋଲି ସ୍ଥାନୀୟ ବ୍ୟବସାୟୀମାନେ ଗଣମାଧ୍ୟମ ଆଗରେ କହିଛନ୍ତି। ସକିଲ କହିଛନ୍ତି, ବୁଧବାର ସକାଳେ ଦୋକାନ ଖୋଲିବାକୁ ଆସିବା ବେଳେ ତାଲା ତଡ଼ାଯାଇଥିବା ଓ ଦୋକାନ ଭିତରେ ଡ୍ରେସଗୁଡିକ ଏଣେତେଣେ ପଡିଥିବା ଦେଖିବାକୁ ପାଇଥିଲି। ତେଣୁ ଚୋରି ହୋଇଥିବା ଜାଣି ଥାନାରେ ଏତଲା ଦେଇଛି। କିଛିଦିନ ତଳେ ଜ୍ୟାକେଟ, ଶୀତବସ୍ତ୍ର କିଣି ଆଣିଥିଲି। ସେସବୁ ଚୋରି ହୋଇଯାଇଛି। ପୋଲିସ ପକ୍ଷରୁ ରାତ୍ର ପାଟ୍ରୋଲିଂ କରାଯାଉନାହିଁ। ଏହି ଅଞ୍ଚଳରେ ଅସମାଜିକଙ୍କ ଆଡ୍ଡା ଜମୁଛି। ରାତି ହେଲେ ସେମାନେ ଲୁଟ କରୁଛନ୍ତି। ଗତ କିଛି ମାସ ହେବ ଏମାନଙ୍କ ଦୌରାତ୍ମ୍ୟ ବଢିଚାଲିଛି। ଏନେଇ ସଦର ଏସ୍‌ଡିପିଓ ସୁଶିଲ କୁମାର ମିଶ୍ର କହିଛନ୍ତି, ଘଟଣାର ତଦନ୍ତ କରାଯିବ। ରାତ୍ରିପାଟ୍ରୋଲିଂ ଚାଲିଛି। ଏହାକୁ ଅଧିକ କଡ଼ାକଡ଼ି କରାଯିବ।

**ଦୋକାନରୁ ୮୦ହଜାର ଟଙ୍କାର ଲୁଗା ଚୋର**

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଏଲିନା



@ ମନସ୍ମିତା



@ ବାବୁ



@ ପିଙ୍କି



@ ସତ୍ୟବାନ



@ ସୋନୁ



@ ପିଣ୍ଟୁ

## ପଞ୍ଚୁଗାଁରେ ସ୍ୱର୍ଣ୍ଣ, ରୌପ୍ୟ କାରିଗରଙ୍କ ସମାବେଶ

ବାଣପୁର,୨୭।୧୦(ଡି.ଏନ୍.ଏ.)

ଓଡ଼ିଶା ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀ ମହାସଂଘ ଆନୁକୂଲ୍ୟରେ ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡା ନିକଟସ୍ଥ ପଞ୍ଚୁଗାଁ ତାରିଣୀ ମନ୍ଦିର ପରିସରରେ ପଞ୍ଚୁଗାଁ ସ୍ୱର୍ଣ୍ଣ କାରିଗରଙ୍କର ସମାବେଶ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥିଭାବେ ମହାସଂଘ ସଭାପତି ରମେଶଚନ୍ଦ୍ର ସାହୁ, ଉପସଭାପତି ଶଙ୍କର ପ୍ରସାଦ ସାହୁ, କୋଷାଧ୍ୟକ୍ଷ ସୁରେନ୍ଦ୍ର ସାହୁ ଓ ଉପଦେଷ୍ଟା ଭରତଚନ୍ଦ୍ର ସାହୁ ଯୋଗଦେଇ ଆଜିର ସମାଜରେ ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀଙ୍କର ଆର୍ଥିକ ଅବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ କାରିଗରମାନଙ୍କୁ କିପରି ମୁଖ୍ୟ ସ୍ରୋତକୁ ଫେରାଇ ଆଣିବେ ସେ ନେଇ ସରକାରଙ୍କ ଦୃଷ୍ଟି ଗୋଚର କରିବା ନିମନ୍ତେ ଅତିଥିମାନେ ଆଲୋଚନା କରିଥିଲେ। କରୋନା ଯୋଗୁ କେତେକ କୁଟୀର ଶିଳ୍ପ ବନ୍ଦ ହୋଇଯାଇଥିବା ବେଳେ ବାଧ୍ୟ ହୋଇ କାରିଗରମାନେ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ସେମାନଙ୍କର ଅବସ୍ଥା ଦୂର କରିବା ନିମନ୍ତେ ସଂଘ ସରକାରଙ୍କୁ ଜଣାଇବା ସହ ଶିଳ୍ପୀର ମାନ୍ୟତା ପାଇଁ ଆବେଦନ କରିବେ ବୋଲି ସଂଘ ତରଫରୁ ପ୍ରକାଶ କରାଯାଇଛି।

## ସଂକ୍ଷେପରେ

### ସାଇ ଇଣ୍ଟରନ୍ୟାଶନାଲକୁ 'ସ୍କୁଲ ଅଫ୍ ଏମିନେନ୍ସ ଆୱାର୍ଡ'

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ):** ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ ଏଜୁକେଶନ ୱାର୍ଲ୍ଡର ଏ++ ସର୍ବୋଚ୍ଚ ସମ୍ମାନ 'ସ୍କୁଲ ଅଫ୍ ଏମିନେନ୍ସ ଆୱାର୍ଡ ୨୦୨୧-୨୨' ପ୍ରଦାନ କରାଯାଇଛି। ଦେଶରୁ ମୋଟ ୭୧୬ ସ୍କୁଲ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବୁଧବାର ବେଙ୍ଗାଲୁରୁଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ପୂର୍ବ ଭାରତର ଏକମାତ୍ର ସ୍କୁଲ ଭାବେ ସାଇ ଇଣ୍ଟରନ୍ୟାଶନାଲକୁ ଏହି ସମ୍ମାନ ମିଳିଛି। ଭିତ୍ତିଭୂମି, ଶିକ୍ଷାଦାନ ଓ ମୂଲ୍ୟାଙ୍କନ, ଜାତୀୟ ଓ ଅନ୍ତର୍ଜାତୀୟ ସହଭାଗିତା, କ୍ରୀଡ଼ା ଏବଂ ସଂଯୁକ୍ତ ପାଠ୍ୟକ୍ରମ ସହ ପ୍ରଯୁକ୍ତିବିଦ୍ୟା ଏକୀକରଣ ପରି ୫ ପାରାମିଟର ଆଧାରରେ ମୂଲ୍ୟାଙ୍କନ କରାଯାଇଥିଲା। ଏହି ଅବସରରେ ଶିଳ୍ପୀ ସାହୁ କହିଛନ୍ତି, ଗତବର୍ଷ ସ୍କୁଲକୁ ଦେଶର ଏକ ନମ୍ବର ମାନ୍ୟତା ମିଳିଥିବାବେଳେ ଆଜିର ଏହି 'ସ୍କୁଲ ଅଫ୍ ଏମିନେନ୍ସ ଆୱାର୍ଡ' ଆମକୁ ଆହୁରି ଆଗକୁ ଯିବା ପାଇଁ ସହଯୋଗ କରିବ। ଶିକ୍ଷା ମାଧ୍ୟମରେ ଏକ ଉନ୍ନତ ଭାରତ ଗଢ଼ିବା ହେଉଛି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍ର ମୂଳ ଲକ୍ଷ୍ୟ। ଗୁଣାତ୍ମକ ଓ ଉଚ୍ଚମାନର ଶିକ୍ଷା ପ୍ରଦାନ କରିବାର ପ୍ରଚେଷ୍ଟା ଆଗାମୀ ଦିନରେ ଏହିପରି ଜାରି ରହିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ସହ ଦେଶର ଆଉ ତିନୋଟି ସ୍କୁଲ ଏହି ଏ++ ସର୍ବୋଚ୍ଚ ସମ୍ମାନ ପାଇଛନ୍ତି। ସେଗୁଡ଼ିକ ହେଲା, ମୁମ୍ବାଇ ସ୍ଥିତ ଧିରୁଭାଇ ଅମ୍ବାନି ସ୍କୁଲ, ଦିଲ୍ଲୀସ୍ଥିତ ହେରିଟେଜ୍ ସ୍କୁଲ୍ ଏବଂ ବାଙ୍ଗାଲୋରସ୍ଥିତ ଇଣ୍ଡସ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ।

### ପୁଣି ମଣିପୁରୀ ହରିଣ ଶାବକ ଜନ୍ମ

**ବାରଙ୍ଗ,୨୭।୧୦(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୬ଏ ଏନକ୍ଲୋଜରରେ ପୁଣି ଏକ ମାଈ ମଣିପୁରୀ ହରିଣ ବୁଧବାର ସକାଳେ ଗୋଟିଏ ଶାବକ ଜନ୍ମ ଦେଇଛି। ଏହି ଶାବକଟି ଜନ୍ମହେବା ପରେ ସେମାନଙ୍କ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି। ସେଥିମଧ୍ୟରେ ୧୧ ଅଣ୍ଡିରା, ୬ ମାଈ ଓ ତିନି ନବଜାତ ଶାବକଟିର ଲିଙ୍ଗ ଚିହ୍ନଟ ହୋଇ ନାହିଁ। ତେବେ ମାଆ ଓ ଛୁଆ ସୁସ୍ଥ ଥିବାବେଳେ ଛୁଆ ତା'ର ମାଠାରୁ କ୍ଷୀର ଖାଉଥିବାର ଦେଖିବାକୁ ମିଳିଛି।

### ଚୋରି ବାଇକ୍ରେ ବୁଲି ସୁନା ଲୁଟୁଥିଲେ, ୪ ଗିରଫ

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ):** ଯୁବତୀ ଓ ମହିଳାଙ୍କୁ ଟାର୍ଗେଟ କରୁଥିଲେ। ଚୋରି ବାଇକ୍ରେ ବୁଲି ବୁଲି ସୁନାଚେନ ଓ ମୋବାଇଲ୍ ଫୋନ୍ ଲୁଟୁଥିଲେ। ଏଭଳି ଏକ ଲୁଟେରା ଗ୍ୟାଙ୍ଗ୍କୁ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଧରିଛି। ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ ହୋଇଛନ୍ତି। ସେମାନେ ହେଲେ ଖୋର୍ଦ୍ଧା ଜିଲା ସଦର ଥାନା ଗୋଡ଼ି ଗ୍ରାମର ଲକ୍ଷ୍ମଣ ସାହୁ ଓରଫ ଲିଖିଲ୍(୨୩), ସୁଶିଲ କୁମାର ରାଣା(୧୯), ଖାରବେଳନଗର ଥାନା ଶାସ୍ତ୍ରୀ ନଗରର ପ୍ରଦୀପ ସାହୁ, ନୟାପଲ୍ଲୀ ଥାନା ବେହେରା ସାହିର ବବୁଲ ସାମନ୍ତରାୟ, ପୁରୀ ଜିଲା ସତ୍ୟବାଦୀ ଥାନା ପଥୁରିଆସାହିର ଗୋପୀନାଥ ଦାସ ଓରଫ ବାପି(୩୯)। ଏମାନଙ୍କଠାରୁ ୨୪ଟି ସୁନା ଚେନ୍, ୬ଟି ମୋବାଇଲ ଓ ୨ଟି ବାଇକ ଜବତ କରାଯାଇଛି। ଖୋର୍ଦ୍ଧା, ପୁରୀ ସମେତ ବିଭିନ୍ନ ଜିଲାରେ ଏମାନେ ଲୁଟ୍ କରିଥିବା ପୋଲିସ ଜାଣିବାକୁ ପାଇଛି। ଏନେଇ ଇନ୍ଫୋସିଟି ଓ ବଡ଼ଗଡ଼ ଥାନାରେ ଦୁଇଟି ପୃଥକ ମାମଲା (ନଂ.୨୧୯/୨୧), (ନ.୨୯୦/୨୧) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଗ୍ୟାଙ୍ଗରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଅନୁସନ୍ଧାନ ଜାରି ରଖିଛି। ସୂଚନା ଅନୁଯାୟୀ, ଗୋଟିଏ ବାଇକରେ ଦୁଇଜଣ ଲେଖାଏ ଯାଇ ଲୁଟ୍ କରୁଥିଲେ। ଯୁବତୀ ଓ ମହିଳାଙ୍କଠାରୁ ମୋବାଇଲ ଓ ସୁନା ଚେନ୍ ଝାମ୍ପି ନେଉଥିଲେ। ପୋଲିସ କବଳରୁ ବର୍ତ୍ତିବା ପାଇଁ ସେ ବାଇକରେ ଜାଲ୍ ନମ୍ବର ପ୍ଲେଟ ଲଗାଉଥିଲେ। ତେବେ ଏକାଧିକ ଅଭିଯୋଗ ପରେ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଏହି ଲୁଟେରାଙ୍କ ଗତିବିଧି ଉପରେ ନଜର ରଖିଥିଲା। ଗୋପିନାଥ ଓ ନିଖିଲ୍ ମଙ୍ଗଳବାର ବଡ଼ଗଡ଼ ଥାନ କଳ୍ପନା ଛକ ନିକଟରେ ଲୁଟ୍ ପାଇଁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ପଚରାଉଚରା ଓ ଫୋନ୍ ଟ୍ରାକିଂ କରି ତାଙ୍କ ସହଯୋଗୀମାନଙ୍କୁ ଧରିବାକୁ ସଫଳ ହୋଇଥିଲା।

# ନଭେମ୍ବରରୁ ଉତ୍ସବ ମୁଖରିତ ହେବ ମଞ୍ଚ

ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)

କରୋନା ମହାମାରୀ ଥମିଛି। ଦୀର୍ଘଦିନ ଧରି ଜୀବନଜୀବିକାକୁ ନେଇ ସଂଘର୍ଷ କରୁଥିବା କଳାକାରମାନେ ମଞ୍ଚକୁ ଯିବାକୁ ଚାହିଁ ବସିଛନ୍ତି। ଏପଟେ କରୋନାର କୋପ ଭିତରେ ଧୁନ୍ଦି ହେଉଥିବା ଶିଶୁଠାରୁ ବୟସ୍କ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ମନକୁ ଟିକେ ହାଲୁକା କରିବା ପାଇଁ ମଞ୍ଚ ବି ଖୋଜୁଛନ୍ତି। ଏପରିସ୍ଥଳେ ଦର୍ଶକଙ୍କୁ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଭେଟି ଦେବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଅଣ୍ଟା ଭିଡିଛି। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ସରକାରଙ୍କ ନୂଆ ଗାଇଡ୍ଲାଇନ୍କୁ ଅପେକ୍ଷା କରାଯାଇଛି। ସ୍ଥିତି ଅନୁକୂଳ ହେଲେ ନଭେମ୍ବରରୁ ଉତ୍ସବ ମୁଖରିତ ହେବ ମଞ୍ଚ। ରାଜ୍ୟର ବିଭିନ୍ନ ଜିଲାରେ ମହୋତ୍ସବ ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବ ଏକାଡେମୀ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ, ପ୍ରଥମଥର ଲାଗି ରାଜ୍ୟର ଉପାନ୍ତ ଅଞ୍ଚଳ ମାଲକାନଗିରି ଜିଲାରେ ଅନୁଷ୍ଠିତ ହେବ 'ରାଜ୍ୟସ୍ତରୀୟ ମେଘ ଉତ୍ସବ'। ଏଥିପାଇଁ ନଭେମ୍ବର ୧ ଓ ୨ ତାରିଖକୁ ସ୍ଥିର କରାଯାଇଛି। ଉତ୍ସବରେ ଶାସ୍ତ୍ରୀୟ ଓ ଲୋକନୃତ୍ୟ ସହିତ ଓଡ଼ିଶୀ ନୃତ୍ୟ, ସଙ୍ଗୀତ, ତାଳବାଦ୍ୟ, ସୁଗମ ସଙ୍ଗୀତ ଆଦି ପରିବେଷଣ କରାଯିବ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଶହେ ଜଣ କଳାକାର ଏଥିରେ ଅଂଶ ଗ୍ରହଣ କରିବେ। ସେହିପରି ଏହି ମହୋତ୍ସବରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନ କରାଯିବ। ପୂର୍ବରୁ ଚଳିତ ମାସ ୩ ଓ ୪ ତାରିଖରେ ଏହି ଉତ୍ସବ ଆୟୋଜନ ହେବାର ଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହାକୁ ସ୍ଥଗିତ ରଖାଯାଇଥିଲା। କେବଳ ସେତିକି ନୁହେଁ, ଆସନ୍ତା ୯ ଓ ୧୦ ତାରିଖରେ ନ୍ୟାଶନାଲ ଟ୍ରାଇବାଲ୍ ଫେଷ୍ଟିଭାଲ ମଧ୍ୟ ଆୟୋଜନ କରାଯିବ। ଇଷ୍ଟର୍ନ ଜୋନ୍ କଲ୍ଚରାଲ୍ କାଉନ୍ସିଲ (ଇଜେଡ୍ସିସି)ର ମିଳିତ ଆନୁକୂଲ୍ୟରେ ବାରିପଦାର ରାଇରଙ୍ଗପୁରଠାରେ ଏହି ଦୁଇଦିନିଆ ମହୋତ୍ସବରେ ରାଜ୍ୟରୁ ୬ଟି ଓ ରାଜ୍ୟ ବାହାରୁ ୪ଟି ଦଳ ଅଂଶ ଗ୍ରହଣ କରିବେ। ଝାଡ଼ଖଣ୍ଡର ଷଢେଇକଳା ସହିତ ପଶ୍ଚିମବଙ୍ଗର ପୁରୁଲିଆ ଛଉ, ଆସାମ ଏବଂ ପଞ୍ଜାବର ଲୋକନୃତ୍ୟ ଆଦି ଦେଖିବାକୁ ମିଳିବ। ଏଥିସହ ମୟୂରଭଞ୍ଜ, କେନ୍ଦୁଝରର ଜୁଆଙ୍ଗ, ବାଲେଶ୍ୱରରୁ ଭୂମିଆଁ ଓ ସୁନ୍ଦରଗଡ଼ରୁ ଓରାଙ୍ଗମାନେ ଲୋକନୃତ୍ୟ ପରିବେଷଣ କରିବେ। ଖୁବ୍ଶୀଘ୍ର ଆଉ ୨ଟି ଜିଲାରେ ଟ୍ରାଇବାଲ୍ ଫେଷ୍ଟିବାଲ ନେଇ ନିଷ୍ପତ୍ତି ହେବ। ସେହିପରି ୧୭ ଓ ୧୮ ତାରିଖରେ ରାଉରକେଲା ଓ ବ୍ରହ୍ମପୁରଠାରେ ଚିଲ୍ଡ୍ରେନ୍ ଥିଏଟର ଫେଷ୍ଟିଭାଲ ହେବ। ସ୍କୁଲରୁ ପିଲାଙ୍କୁ ନାଟକ ପ୍ରଶିକ୍ଷଣ ସହ ପ୍ରଦର୍ଶନ କରାଯିବ। ପରବର୍ତ୍ତୀ ସମୟରେ ବାଲେଶ୍ୱର ଜିଲାରେ ଏହି ଥିଏଟର କରିବା ନେଇ ଯୋଜନା କରାଯାଇଛି। ସେହିପରି ୨୮ ଓ ୨୯ ତାରିଖରେ ରାୟଗଡ଼ାରେ 'ଲୋକ ନାଟକ ମହୋତ୍ସବ' ଅନୁଷ୍ଠିତ ହେବ। ଏ ସମସ୍ତ କାର୍ଯ୍ୟକ୍ରମ କୋଭିଡ୍ କଟକଣା ମଧ୍ୟରେ ୨ଶହ ଲୋକଙ୍କ ମଧ୍ୟରେ ଆୟୋଜନ କରାଯିବ। ନଭେମ୍ବରରେ ରାଜଧାନୀ ବାହାରେ ବିଭିନ୍ନ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଡିସେମ୍ବରରେ ଭୁବନେଶ୍ୱରର ରବୀନ୍ଦ୍ରମଣ୍ଡପଠାରେ 'ଲିଜେଣ୍ଡସ୍ ଅଫ୍ ଓଡ଼ିଶା ସିରିଜ୍-୧' ପରିବେଷଣ କରାଯିବ। ଏଥିରେ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଧାରିତ ନାଟକ ପ୍ରଦର୍ଶନ ହେବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।



**ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପ୍ରସ୍ତୁତି**
- ୧ରୁ ମେଘ ଉତ୍ସବ, ୯ରୁ ଟ୍ରାଇବାଲ ଫେଷ୍ଟିଭାଲ
- ଦୁଇଟି ସ୍ଥାନରେ ଚିଲ୍ଡ୍ରେନ୍ ଥିଏଟର ଫେଷ୍ଟିଭାଲ
- ଡିସେମ୍ବରରେ 'ଲିଜେଣ୍ଡସ୍ ଅଫ୍ ଓଡ଼ିଶା ସିରିଜ୍-୧'



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ବୁଧବାର ଆରମ୍ଭ ହୋଇଥିବା ଗୀତିନାଟ୍ୟ ମହୋତ୍ସବରେ 'କର୍ଣ୍ଣବଧ'ର ଏକ ଦୃଶ୍ୟ।

## ଅନ୍ଲାଇନ ପରୀକ୍ଷା ପାଇଁ ରମାଦେବୀ ଛାତ୍ରୀଙ୍କ ଦାବି

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ବିଭିନ୍ନ ଦାବି ନେଇ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ବୁଧବାର ଆନ୍ଦୋଳନ କରିଛନ୍ତି। ଛାତ୍ରୀମାନେ ଦାବି କରିଛନ୍ତି ଯେ, ଶିକ୍ଷା ବର୍ଷ ୨୦୨୧-୨୨ ରେ ଠିକ୍ଭାବରେ ପାଠପଢ଼ା ହୋଇ ନାହିଁ। ତେଣୁ ଅନ୍ଲାଇନ୍ ପରୀକ୍ଷା ହେଉ ନଚେତ୍ ପରୀକ୍ଷା ବାତିଲ କରାଯାଉ। ସେହିପରି ଖାଲି ପଡ଼ିଥିବା ଅଧ୍ୟାପିକା ଓ ଅଧ୍ୟାପକ ପଦବୀ ଶୀଘ୍ର ପୂରଣ କରାଯାଉ। ଚାହିଦା ଥିବା ବିଭାଗରେ ସିଟ୍ ସଂଖ୍ୟା ବୃଦ୍ଧି କରାଯାଉ ବୋଲି ଛାତ୍ରୀମାନେ ଦାବି କରିଛନ୍ତି। ଛାତ୍ରୀମାନେ ଦାବି କରିଛନ୍ତି ଯେ, ରମାଦେବୀ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ ବାବଦରେ ତୁରନ୍ତ ନିଷ୍ପତ୍ତି ହେଉ। ଫୁଟ୍ ଓଭର୍ ବ୍ରିଜ ନେଇ ସ୍ମାର୍ଟ ସିଟିକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଶୀଘ୍ର ଚିଠି ଲେଖନ୍ତୁ। ସେହିପରି ଖେଳପଡ଼ିଆ ପାଇଁ ତୁରନ୍ତ ଜାଗା ଦିଅନ୍ତୁ, ନଚେତ୍ ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟ ସ୍ଥାନାନ୍ତର ହେଉ। ମା' ରମାଦେବୀଙ୍କ ସଂଗ୍ରହାଳୟ ରାସ୍ତାପାର୍ଶ୍ୱକୁ ସ୍ଥାନାନ୍ତର ହେଉ ଏବଂ ଆବଶ୍ୟକ ହେଲେ ସଂସ୍କୃତି ବିଭାଗକୁ ଚିଠି ଲେଖାଯାଉ। ଅପରିଷ୍କାର ଥିବା ଶୌଚାଳୟ ସଫା ହେଉ, ଭାଙ୍ଗିଯାଇଥିବା ଦ୍ୱାର ମରାମତି ହେଉ ଏବଂ ଅଧିକ ସଂଖ୍ୟକ ଛାତ୍ରୀଙ୍କ ପାଇଁ ବ୍ୟବସ୍ଥା ହେଉ ବୋଲି ଛାତ୍ରୀମାନେ ଦାବି କରିଛନ୍ତି।

## 'ଶାଳବଣ ନଦୀକୁ ଶାଳିଆ ଡ୍ୟାମ୍ କରିଥିଲେ'

**ପଣ୍ଡିତ ଗୋଦାବରୀଶଙ୍କ ଜୟନ୍ତୀ ପାଳିତ**

ବାଣପୁର,୨୭।୧୦(ଡି.ଏନ୍.ଏ.)

ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୫ତମ ଜନ୍ମ ବାର୍ଷିକଉତ୍ସବ ଜନ୍ମ ମାଟି ବାଣପୁରରେ ଶିକ୍ଷାବିତ ବାଳମୁକୁନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ୧୮୮୬ ଅକ୍ଟୋବର ୨୬ରେ ମା'ଭଗବତୀ ମନ୍ଦିର ନିକଟସ୍ଥ ଶ୍ରୀନିବାସପୁର ଶାସନର ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପରାମର୍ଶରେ ଅନୁପ୍ରାଣିତ ହୋଇ ମାନବ ସେବାପାଇଁ ନିଜକୁ ନିୟୋଜିତ କରିଥିଲେ। ଇଂରେଜ ହାତରୁ ଦେଶ ସ୍ୱାଧୀନତା ହେବାପରେ ଗୋଦାବରୀଶ ବାଣପୁର ଅଞ୍ଚଳର ଦୁଃଖକୁ ଦୂର କରିବା ପାଇଁ ତତ୍କାଳୀନ ସରକାରଙ୍କ ସମୟରେ ଶାଳବଣ ନଦୀକୁ ଶାଳିଆ ଡ୍ୟାମରେ ନିର୍ମାଣ କରିଥିଲେ। ଆଜି ବାଣପୁର ମାଟି ଶାଳିଆ ଡ୍ୟାମ ଯୋଗୁ ଶସ୍ୟ ଶ୍ୟାମଳାରେ ହସି ଉଠୁଥିବା ବେଳେ ରାଜ୍ୟରେ ଶିକ୍ଷାର ବିକାଶ ଓ ବିଚ୍ଛିନ୍ନାଞ୍ଚଳକୁ ଏକତ୍ରୀକରଣ କରିବା ପାଇଁ ବି ଗୋଦାବରୀଶଙ୍କର ଅବଦାନ ଅତୁଳନୀୟ ଥିଲା ବୋଲି ଛାତ୍ରୀଛାତ୍ରଙ୍କ ନିକଟରେ ଶିକ୍ଷାବିତ ଦାସ ଆଲୋକପାତ କରିଥିଲେ। ସେହିପରି ଶାଳିଆ ସାଂସ୍କୃତିକ ପରିଷଦ ଓ ବିଭିନ୍ନ ଅନୁଷ୍ଠାନରେ ପଣ୍ଡିତ ଗୋଦାବରୀଶଙ୍କ ଜନ୍ମ ବାର୍ଷିକ ପାଳିତ ହୋଇଯାଇଛି। ଗୋଦାବରୀଶ ଶିଶୁ ଉଦ୍ୟାନଠାରେ ପଣ୍ଡିତ ଗୋଦାବରୀଶଙ୍କ ପ୍ରତିମୂର୍ତ୍ତିଠାରେ ଜନ୍ମଦିନ ଅବସରରେ ଆଇନଜୀବୀ ଗୌରୀଶଙ୍କର ଷଡ଼ଙ୍ଗୀ, ଦାଶରଥି ସାହୁ, ଗୋପୀନାଥ ମହାରଣା, ଖବରଦାତା ନୃସିଂହ ପ୍ରସାଦ ମିଶ୍ର, ଅନନ୍ତ ଚରଣ ବାରିକି, ଶିକ୍ଷାବିତ ରାଜେନ୍ଦ୍ର ପ୍ରସାଦ ରଥ, ଶିଶିର ଦାସ, ବ୍ରଜସୁନ୍ଦର ମିଶ୍ର ପ୍ରମୁଖ ଉପସ୍ଥିତ ରହି ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।



ବାଣପୁର ଅଞ୍ଚଳରେ ପଣ୍ଡିତ ଗୋଦାବରୀଶ ଦାଶଙ୍କ ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥି।

## ରେଳ ଶ୍ରମିକ କଂଗ୍ରେସର ନିର୍ବାଚନ

ଜଟଣୀ,୨୭।୧୦(ଡି.ଏନ୍.ଏ.)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳ ରେଳ ଶ୍ରମିକ କଂଗ୍ରେସ ସଂଗଠନର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଂଗଠନର ନବମ ଦ୍ୱିବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଥିବାବେଳେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟାଭୂଷଣ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତଟ ରେଳପଥ ଜୋନର ୭ଜଣ ମୁଖ୍ୟ ରେଳ ପ୍ରବନ୍ଧକଙ୍କ ସମେତ ବିଶାଖାପାଟଣା ରେଳ ମଣ୍ଡଳର ମଣ୍ଡଳ ପ୍ରବନ୍ଧକ ଅନୁପ ଶତପଥୀ ଏବଂ ଏଫ୍ଆଇଆର୍ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଏମ୍.ରେଘଭେୟା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସଂଗଠନର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ସଂଗଠନର ବିଭିନ୍ନ ଗଠନମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରୀୟ କୋଷାଧ୍ୟକ୍ଷ ଆଶୁତୋଷ ମହାନ୍ତି ସଂଗଠନର ଆୟବ୍ୟୟ ହିସାବ କରିଥିଲେ। ଏହାପରେ ସମ୍ପତ କୁମାର ପୁରାତନ ବଡିକୁ ଭଙ୍ଗକରିଥିବା ବେଳେ ନିର୍ବାଚନ ଅଧିକାରୀ ଭାବେ ସୁଧୀର ପାଢୀ ନିର୍ବାଚନ ପ୍ରକ୍ରିୟା ପରିଚାଳନା କରିଥିଲେ। ଏହି ନିର୍ବାଚନରେ ରମେଶ ଚନ୍ଦ୍ର ସାହୁ ପୁନଃ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ଖୋର୍ଦ୍ଧା ରୋଡ ରେଳମଣ୍ଡଳରୁ ପ୍ରମୋଦ ଶାହାଣୀ, ସୁନୀଲ ଭଞ୍ଜ, ଶ୍ରୀଧର ପୁହାଣ, ସୁବ୍ରତ ପଣ୍ଡା, ଏ.ଶ୍ରୀନିବାସ, ପ୍ରଭାସ ପାତ୍ର, ବିଶ୍ୱନାଥ ନାୟକ ପ୍ରମୁଖ ନିର୍ବାଚିତ ହୋଇଥିଲେ। ୱାର୍କିଂ କମିଟି ସଦସ୍ୟ ଭାବେ ଏମ୍.ଜି.କେ.ରାଓ, ବିଜୟଲକ୍ଷ୍ମୀ ଦାଶ ପୁନଃ ନିର୍ବାଚିତ ହୋଇଥିଲେ। ରୁନି ବେହେରା, ସ୍ନେହଲତା ବସ୍ତିଆ,ସୁମିତ୍ରା ପଣ୍ଡା,ସଂଯୁକ୍ତା ମିଶ୍ର,ଦ୍ରୌପଦୀ ମହାରଣା,ଅର୍ପିତା ମହାନ୍ତି ପ୍ରମୁଖ ନିର୍ବାଚିତ ହୋଇଥିବା ସମୟରେ ୟୁନିୟନର ପୂର୍ବତନ ଜେନେରାଲ ସେକ୍ରେଟାରି ସି.ଏଚ୍.ଗାନ୍ଧୀ ରଷ୍ଟ୍ରୀୟ ୱାର୍କିଂ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ।ସମସ୍ତ ନବନିର୍ବାଚିତ ସଦସ୍ୟଙ୍କୁ ଏଲ୍.ଡି.ମହାନ୍ତି ସ୍ୱାଗତ କରିଥିଲେ।

## 'ଦିବ୍ୟାଙ୍ଗଙ୍କ ପ୍ରତି ସହଯୋଗର ହାତ ବଢ଼ାଅ'

**ଦିବ୍ୟାଙ୍ଗଙ୍କ ଲାଗି ସଚେତନତା ଶିବିର**

ଖୋର୍ଦ୍ଧା ଅଫିସ,୨୭।୧୦

ଦିବ୍ୟାଙ୍ଗମାନଙ୍କ ଅଧିକାର ଓ ଅଧିନିୟମ -୨୦୧୬ ଓ ବିଭିନ୍ନ ଯୋଜନା ସମ୍ପର୍କରେ ଏକ ସଚେତନତା ଶିବିର ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଭିନ୍ନକ୍ଷମ କମିଶନ ଅଧ୍ୟକ୍ଷା ସୁଲୋଚନା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ଅଧିକାର ଓ ଅଧିନିୟମ ସମ୍ପର୍କରେ ଆଲୋକପାତ କରିଥିଲେ। ଦିବ୍ୟାଙ୍ଗମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଗୁରୁତ୍ୱ ଦିଆଯାଉଛି। ସମାଜରେ ସମାନ ଅଧିକାର ଓ ସମାନ ସୁଯୋଗ ଦେବା ପାଇଁ ନିୟମ ଓ ବ୍ୟବସ୍ଥା ରହିଛି। ଲୋକଙ୍କ ସହଯୋଗ ରହିଲେ, ସେମାନେ ଆଗକୁ ବଢିପାରିବେ। ଏଥିପାଇଁ ସେମାନଙ୍କ ପ୍ରତି ସହାନୁଭୂତି ଏବଂ ସହଯୋଗର ହାତ ବଢାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଜିଲାପାଳ ମହାପାତ୍ର କହିଥିଲେ, ପ୍ରତି ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଶିବିର ଆୟୋଜନ କରାଯିବ। ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଚିହ୍ନଟ କରି ପରିଚୟପତ୍ର ଦିଆଯିବ। ଅତିରିକ୍ତ ଜିଲାପାଳ ମନୋଜ ପାଢୀ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ ମଧୁବାବୁ ପେନସେନ ଯୋଜନା, ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ସୁବିଧା ଏବଂ ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ କଲ୍ୟାଣ ଯୋଜନା କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଉପଜିଲାପାଳ ଆଇ. ଗୌରବ ଶିବାଜୀ, ଦେବବ୍ରତ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଡିଓ, ତହସିଲଦାର, ଏନଜିଓ ସଂସ୍ଥା, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଯୋଗଦେଇଥିଲେ। ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକେଲ ଓ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଥିଲା।



ଶିବିରରେ ଉପସ୍ଥିତ ରାଜ୍ୟ ଭିନ୍ନକ୍ଷମ କମିଶନ ଅଧ୍ୟକ୍ଷା ସୁଲୋଚନା ଦାସ ଓ ଅନ୍ୟମାନେ।

## ୫ ଜଣଙ୍କୁ ଗ୍ରନ୍ଥାଗାରିକ ପଦୋନ୍ନତି

ଭୁବନେଶ୍ୱର,୨୭।୧୦

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ କାର୍ଯ୍ୟରତ ୫ଜଣଙ୍କୁ ଗ୍ରନ୍ଥାଗାରିକ ଭାବେ ପଦୋନ୍ନତି ହୋଇଛି। ସେମାନେ ହେଲେ ସସ୍ମିତା ମିଶ୍ର, ସଙ୍ଘମିତ୍ରା ସାହୁ, କୁକୁମିନା ଦାସ, ରୁଦ୍ରପ୍ରସାଦ ବେହେରା ଓ ପଦ୍ମନାଭ ଜେନା। ବିଭାଗର ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ଓ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ପଦୋନ୍ନତି ହୋଇଥିବାରୁ ଗ୍ରନ୍ଥାଗାରର କର୍ମଚାରୀମାନେ ଶାସନ ସଚିବ ଓ ନିର୍ଦ୍ଦେଶକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ୮ ଚୋରି ବାଇକ୍ ଜବତ, ଗ୍ୟାଙ୍ଗ୍ର ୨ ଗିରଫ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲାରୁ ବାଇକ୍ ଚୋରି କରୁଥିବା ଏକ ଗ୍ୟାଙ୍ଗ୍ର ୨ଜଣଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ସଦର ଥାନା ବରଗଡ଼ପାଟଣା ଗ୍ରାମର ସୌମ୍ୟ ରଞ୍ଜନ ଦାସ ଓରଫ ଶିବ ଓ ଜଗନ୍ନାଥପୁର ଗ୍ରାମର ମୀନକେତନ ମହାପାତ୍ର ଓରଫ ଦୀପା(୩୦)। ସେମାନଙ୍କଠାରୁ ପୋଲିସ ୮ ବାଇକ ଜବତ କରିଛି। ଏହି ଗ୍ୟାଙ୍ଗ୍ର ଅନ୍ୟ ସଦସ୍ୟମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଥାନା ଅନ୍ତର୍ଗତ ଜାଗମରାରେ ରହୁଥିବା ରାକେଶ କୁମାର ମହାନ୍ତି ବୁଧବାର ତାଙ୍କ ବାଇକକୁ ଘର ସାମ୍ନାରେ ରଖିଥିଲେ। ଅଭିଯୁକ୍ତଦ୍ୱୟ ବାଇକକୁ ମାଷ୍ଟର କି ସାହାଯ୍ୟରେ ଖୋଲି ନେଇଯାଇଥିଲେ। ଅଭିଯୋଗକ୍ରମେ ପୋଲିସ (ନଂ.୫୧୮/୨୧) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ସ୍ଥାନ ସଂରକ୍ଷଣ ଚୂଡ଼ାନ୍ତ ତାଲିକା ପ୍ରକାଶିତ

ଖୋର୍ଦ୍ଧା ଅଫିସ,୨୭।୧୦

ଆସନ୍ତା ଫେବୃୟାରୀରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୱାର୍ଡ ସୀମା ନିର୍ଦ୍ଧାରଣ ଓ ସ୍ଥାନ ସଂରକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ଜିଲା ପରିଷଦ ଅଧ୍ୟକ୍ଷ ଓ ସଦସ୍ୟଙ୍କ ବ୍ୟତୀତ ସମସ୍ତ ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ ଏବଂ ବ୍ଲକ ଅଧ୍ୟକ୍ଷଙ୍କ ସଂରକ୍ଷଣ ତାଲିକା ଜିଲାସ୍ତରରେ ଚୂଡ଼ାନ୍ତ ହୋଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ୧୦ ବ୍ଲକର ସମିତି ସଭ୍ୟାସଭ୍ୟ ପଦବୀ ଲାଗି ଚୂଡାନ୍ତ ତାଲିକା ପ୍ରକାଶ ପାଇଛି।

ଖୋର୍ଦ୍ଧା ବ୍ଲକରେ ୨୨ଟି ପଞ୍ଚାୟତ ରହିଛି। ସମିତିସଭ୍ୟା, ସଭ୍ୟ ପଦବୀ ଲାଗି ଅନୁସୂଚିତ ଜାତି ପୁରୁଷ ୧, ମହିଳା୨, ଅନୁସୂଚିତ ଜନଜାତି ପୁରୁଷ ଓ ମହିଳା ଜଣେ ଲେଖାଏ, ପଛୁଆବର୍ଗ ପୁରୁଷ୨ ମହିଳା ୩ ଏବଂ ଅଣସଂରକ୍ଷିତ ପୁରୁଷ ୭ ଓ ମହିଳା ୫ଜଣ ରହିଛନ୍ତି। ବେଗୁନିଆ ବ୍ଲକରେ ୨୧ଟି ପଞ୍ଚାୟତ ରହିଛି। ସମିତିସଭ୍ୟା, ସଭ୍ୟ ପଦବୀ ଲାଗି ଉଭୟ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପୁରୁଷ ଓ ମହିଳା ଜଣେ ଲେଖାଏ, ପଛୁଆବର୍ଗ ପୁରୁଷ୨ ମହିଳା ୩ ଏବଂ ଅଣସଂରକ୍ଷିତ ପୁରୁଷ ମହିଳା ୬ଜଣ ଲେଖାଏଁ ରହିଛନ୍ତି। ବୋଲଗଡ ବ୍ଲକରେ ୧୯ଟି ପଞ୍ଚାୟତ ରହିଛି। ସମିତିସଭ୍ୟା, ସଭ୍ୟ ପଦବୀ ଲାଗି ଅନୁସୂଚିତ ଜାତି ପୁରୁଷ ଓ ମହିଳା ଜଣେ ଲେଖାଏ ରହିଥିବା ବେଳେ ଅନୁସୂଚିତ ଜନଜାତି ଜଣେ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ପଛୁଆବର୍ଗ ପୁରୁଷ୨ ମହିଳା ୩ ଏବଂ ଅଣସଂରକ୍ଷିତ ପୁରୁଷ୬ ଓ ମହିଳା ୫ଜଣ ରହିଛନ୍ତି। ଟାଙ୍ଗି ବ୍ଲକରେ ୨୬ଟି ପଞ୍ଚାୟତ ରହିଛି। ସମିତିସଭ୍ୟା,ସଭ୍ୟ ପଦବୀ ଲାଗି ଅନୁସୂଚିତ ଜାତିରେ ପୁରୁଷ ୨, ମହିଳା ୩, ଅନୁସୂଚିତ ଜନଜାତିରେ ଜଣେ ମହିଳାଙ୍କ ସ୍ଥାନ ସଂରକ୍ଷିତ ରହିଛି। ପଛୁଆବର୍ଗରେ ପୁରୁଷ ୩, ମହିଳା ୪ ଏବଂ ଅଣସଂରକ୍ଷିତରେ ପୁରୁଷ ୮ ଓ ମହିଳା ୫ଜଣ ରହିଛନ୍ତି। ଚିଲିକା ବ୍ଲକରେ ୧୭ଟି ପଞ୍ଚାୟତ ରହିଛି। ସମିତି ସଭ୍ୟା ଓ ସଭ୍ୟ ପଦବୀ ଲାଗି ଅନୁସୂଚିତ ଜାତିରେ ପୁରୁଷ ୨, ମହିଳା ଜଣେ, ଅନୁସୂଚିତ ଜନଜାତି ଜଣେ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ପଛୁଆବର୍ଗରେ ଜଣେ ପୁରୁଷ ଓ ମହିଳା ୩, ଅଣସଂରକ୍ଷିତରେ ପୁରୁଷ ୫ ଓ ମହିଳା ୪ଙ୍କ ପାଇଁ ସ୍ଥାନ ସଂରକ୍ଷିତ ରହିଛି। ବାଣପୁର ବ୍ଲକରେ ୧୭ଟି ପଞ୍ଚାୟତ ରହିଛି। ସମିତି ସଭ୍ୟାଓ ସଭ୍ୟ ପଦବୀ ଲାଗି ଅନୁସୂଚିତ ଜାତି ଓ ଜନଜାତି କେବଳ ଜଣେ ଲେଖାଏ ମହିଳାଙ୍କ ସଂରକ୍ଷିତ ରହିଥିବା ବେଳେ ପଛୁଆବର୍ଗରେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ୨ ପଦବୀ ରହିଛି। ଅରସଂରକ୍ଷିତରେ ପୁରୁଷ ୬ ଓ ମହିଳା ୫ଜଣଙ୍କ ପାଇଁ ସଂରକ୍ଷିତ ରହିଛି। ଜଟଣୀ ବ୍ଲକରେ ୧୫ଟି ପଞ୍ଚାୟତ ରହିଛି। ସମିତି ସଭ୍ୟା ଓ ସଭ୍ୟ ପଦବୀ ଲାଗି ଅନୁସୂଚିତ ଜାତିରେ ପୁରୁଷ ଓ ମହିଳା ବର୍ଗରେ ଜଣେ ଲେଖାଏ ରହିଥିବା ବେଳେ ଅନୁସୂଚିତ ଜନଜାତି ଜଣେ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ପଛୁଆବର୍ଗରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ୨ଜଣ ଲେଖାଏଁ ରହିଛନ୍ତି। ସେହିପରି ଅଣସଂରକ୍ଷିତରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ୪ଜଣ ଲେଖାଏ ରହିଛନ୍ତି। ବାଲିଅନ୍ତା ବ୍ଲକରେ ୧୬ଟି ପଞ୍ଚାୟତ ରହିଛି। ସମିତିସଭ୍ୟ, ସଭ୍ୟା ପଦବୀ ଲାଗି ଅନୁସୂଚିତ ଜାତିରେ ଉଭୟ ପୁରୁଷ, ମହିଳା ବର୍ଗରେ ୨ଜଣ ଲେଖାଏ ରହିଥିବା ବେଳେ ଅନୁସୂଚିତ ଜନଜାତି କେବଳ ଜଣେ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ପଛୁଆବର୍ଗରେ ଜଣେ ପୁରଷ, ୨ଟି ମହିଳାଙ୍କ ପାଇଁ ରହିଥିବା ବେଳେ ଅଣସଂରକ୍ଷିତରେ ପୁରୁଷ ୫ ଓ ମହିଳା ୩ଜଣଙ୍କ ପାଇଁ ସ୍ଥାନ ରହିଛନ୍ତି। ବାଲିପାଟଣା ବ୍ଲକରେ ୧୭ଟି ପଞ୍ଚାୟତ ରହିଛି। ସମିତିସଭ୍ୟା, ସଭ୍ୟ ପଦବୀ ଲାଗି ଅନୁସୂଚିତ ଜାତିରେ ପୁରୁଷ ୨ ମହିଳା ୩, ଅନୁସୂଚିତ ଜନଜାତିରେ ଜଣେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷିତ ରହିଥିବା ବେଳେ ପଛୁଆବର୍ଗରେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ଜଣେ ଲେଖାଏ ଏବଂ ଅଣସଂରକ୍ଷିତରେ ପୁରୁଷ ୫ ଓ ମହିଳାଙ୍କ ପାଇଁ ୪ଟି ସ୍ଥାନ ସଂରକ୍ଷିତ ରହିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୧୦।୨୦୨୧

| | |
|---|---|
| ୩,୧୭,୨୯୯ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୦୪.୫୫୦ ଗ୍ରାମ |

## ସଂକ୍ଷେପରେ

### ମହାପ୍ରଭୁଙ୍କ ବନକଲାଗି, ୪ ଘଣ୍ଟା ଦର୍ଶନ ବନ୍ଦ

ପୁରୀ ଅଫିସ, ୨୭।୧୦: କାର୍ତ୍ତିକ ମାସ କୃଷ୍ଣପକ୍ଷ ଷଷ୍ଠୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ଦତ୍ତମହାପାତ୍ର ସେବକମାନେ ଏହି ଗୁପ୍ତ ନୀତି ସମ୍ପାଦନ କରିଥିଲେ। ଅପରାହ୍ନ ୪ଟା ୫୫ରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ୫ଟା ୪୦ରେ ଦତ୍ତମହାପାତ୍ର ସେବକମାନେ ନୀତି ପାଇଁ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ପ୍ରାୟ ୪ଘଣ୍ଟା ପରେ ରାତି ୯ଟା ୫୦ରେ ନୀତି ସମ୍ପନ୍ନ କରି ଫେରିଥିଲେ। ପରେ ଅନ୍ୟାନ୍ୟ ନୀତି ବଡ଼ି ରାତ୍ର ପହୁଡ଼ ହୋଇଥିଲା। ତେବେ ବନକ ଲାଗି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା।

### ଐତିହ୍ୟ, ଧାର୍ମିକ ଭଳି ସହର ହେବ ମଦମୁକ୍ତ

ପୁରୀ ଅଫିସ ୨୭।୧୦ -ପୂଜ୍ୟପୂଜା ସଂସଦର ଏକ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ବୁଧବାର ମଦମୁକ୍ତ ପୁରୀ ଅଭିଯାନର ସମୀକ୍ଷା କରାଯାଇଛି। ସଂସଦର ରାଜ୍ୟ ସଭାପତି କୃଷ୍ଣ ଜଗଦେବଙ୍କ ନେତୃତ୍ୱରେ ସ୍ୱର୍ଗଦ୍ୱାର ଓ ଚୈତନ୍ୟ ପ୍ରତିମୂର୍ତ୍ତି ଅଞ୍ଚଳରେ ପ୍ରତିନିଧି ମଣ୍ଡଳୀ ବନ୍ଦ ହୋଇଥିବା ଓ ନୂଆ କରି ଖୋଲିଥିବା ମଦ ଦୋକାନର ଅନୁଧ୍ୟାନ କରିଥିଲେ। ପରେ ଏହି ବିଷୟରେ ଜିଲାପାଳ ସମର୍ଥ ବର୍ମାଙ୍କ ସହ ଆଲୋଚନା କରିଛନ୍ତି। ଶ୍ରୀକ୍ଷେତ୍ର ପୁରୀ ଭଳି ଐତିହ୍ୟ ଓ ଧାର୍ମିକ ସହରକୁ ମଦମୁକ୍ତ କରାଯିବ ବୋଲି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଆଗାମୀ ଦିନରେ ଏହି ପ୍ରସ୍ତାବ କାର୍ଯ୍ୟକାରୀ ପାଇଁ ପଦକ୍ଷେପ ହେବ ବୋଲି ଜଗଦେବ ପ୍ରକାଶ କରିଛନ୍ତି। ପ୍ରତିନିଧି ମଣ୍ଡଳୀର କାମାକ୍ଷା ପ୍ରଧାନ, ଆଦିକନ୍ଦ ଶ୍ରୀଚନ୍ଦନ, ବିଶ୍ୱଜିତ୍ ବଡ଼ଜେନା, ତରୁଣ ସ୍ୱାଇଁ ଏବଂ ଶ୍ରୀନିବାସ ପାତ୍ର ପ୍ରମୁଖ ସଭାରେ ସାମିଲ ଥିଲେ ।

### ବ୍ଲକ କୃଷି ଅଧିକାରୀ ପଦବୀ ଖାଲି

କାକଟପୁର, ୨୭।୧୦(ଡି.ଏନ୍.ଏ): ଦୀର୍ଘଦିନ ହେଲା କାକଟପୁର ବ୍ଲକ କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀ ପଦବୀ ଖାଲିପଡ଼ିଛି। ଫଳରେ ଚାଷୀମାନେ ସମ୍ପୃକ୍ତ କାର୍ଯ୍ୟାଳୟକୁ ଯାଇ ନିରାଶରେ ଫେରୁଛନ୍ତି। ଚାଷ ସମ୍ପର୍କିତ ପରାମର୍ଶ ଓ ସରକାରୀ ସହାୟତା ପାଇପାରୁନାହାନ୍ତି। ଏଥିଯୋଗୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଖାଲିପଡ଼ିଥିବା ପଦବୀ ପୂରଣ ପାଇଁ ସେମାନେ ଦାବି କରିଛନ୍ତି। ସେହିପରି ରବି ଫସଲ ପାଇଁ ସବ୍‌ସିଡିରେ ସାର, ବିହନ ସମେତ ସରକାରୀ ସହାୟତା ଯୋଗାଇ ଦେବାକୁ କୃଷକମାନେ ଦାବି କରିଛନ୍ତି। ଏ ନେଇ ନିମାପଡ଼ା କୃଷି ଅଧିକାରୀ ଶରତ ଚନ୍ଦ୍ର ପରିଡାଙ୍କୁ ପଚାରିବାରେ କହିଛନ୍ତି, କାକଟପୁର ବ୍ଲକରେ କୃଷି ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ ପଦକ୍ଷେପ ନିଆଯିବ।

### ବିହନ ବିଶୋଧନ କାର୍ଯ୍ୟକ୍ରମ

କଣାସ,୨୭।୧୦(ସ୍ୱ.ପ୍ର.): କେନ୍ଦ୍ରୀୟ ସମନ୍ୱିତ ରୋଗ ପୋକ ପରିଚାଳନା କେନ୍ଦ୍ର ତରଫରୁ କଣାସ ବ୍ଲକ ଗଡସାନପୁଟ ପଞ୍ଚାୟତର ଲୋକପାଳ ଓ ହଳଦିଆପଡ଼ା ଗ୍ରାମରେ ରବିଋତୁ ପାଇଁ ବିହନ ବିଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ସହସମ୍ପାଦକ (ପ୍ଲାଣ୍ଟେସନ୍) ଉଦ୍‌ଘାଟନ କରିଥିବାବେଳେ ବନସ୍ପତି ସଂରକ୍ଷଣ ଅଧିକାରୀ ପ୍ରାଣବଲ୍ଲଭ ସାହାଣୀ ପରିଚାଳନା କରିଥିଲେ। ବିଭିନ୍ନ ବିଶୋଧନ ଦ୍ୱାରା ଫସଲକୁ କିପରି ରୋଗ ପୋକ ଦାଉରୁ ରକ୍ଷା କରାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ଚାଷୀଙ୍କ ଉପସ୍ଥିତିରେ ବିହନ ବିଶୋଧନର ଉପାୟ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ନିର୍ଦ୍ଦେଶକ ମହେଶ ଚନ୍ଦ୍ର, ରାଧେଶ୍ୟାମ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ସାମିଲ ହୋଇନି ୧୨ ହଜାରରୁ ଊର୍ଦ୍ଧ୍ୱ ଘର

ପୁରୀ ଅଫିସ,୨୭।୧୦: ଦେଶର ପ୍ରଥମ ସହର ଭାବେ ପୁରୀରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ବ୍ୟବସ୍ଥା ହେବା ପରେ ସହରବାସୀଙ୍କୁ ଉତ୍ତମ ମାନର ପାନୀୟଜଳ ମିଳିପାରୁଛି। ତେବେ କେବଳ ସର୍ବସାଧାରଣ ସ୍ଥାନରେ ଥିବା ଟ୍ୟାପ୍ ପାଇଁ ଲୋକଙ୍କୁ ଶୁଳ୍କ ଦେବାକୁ ପଡୁ ନ ଥିବା ବେଳେ ଘର ପାଖରେ ପାନୀୟଜଳ ସୁବିଧା ଲାଗି ସହରବାସୀଙ୍କୁ ଅର୍ଥ ପଇଠ କରିବାକୁ ପଡୁଛି। ଜଣେ ଯେତିକି ପରିମାଣର ଜଳ ଖର୍ଚ୍ଚ କରୁଛି ତାଙ୍କୁ ତଦନୁଯାୟୀ ଅର୍ଥ ପଇଠ କରିବାକୁ ପଡୁଛି। ତେବେ ପୁରୀ ସହରରେ ୩୨ହଜାରରୁ ଊର୍ଦ୍ଧ୍ୱ ଟ୍ୟାପ ସଂଯୋଗ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏବେ ସୁଦ୍ଧା ୨୦ହଜାର ଗୃହ ନିକଟକୁ ଏଭଳି ସଂଯୋଗର ବ୍ୟବସ୍ଥା ହୋଇପାରିଛି। ଟ୍ୟାପ୍ ସଂଯୋଗ ହୋଇ ନ ଥିବା ଘରର ଲୋକେ ପାନୀୟଜଳ ସୁବିଧାରୁ ବଞ୍ଚିତ ହେଉଛନ୍ତି। କିଛି ଗୃହ ନିକଟରେ ଟ୍ୟାପ୍ ସଂଯୋଗ ହୋଇଥିଲେ ମଧ୍ୟ ମ୍ୟୁନିସିପାଲିଟିରେ ରେଜିଷ୍ଟ୍ରେଶନ ପ୍ରକ୍ରିୟା ସରିନାହିଁ। ଫଳରେ ପାନୀୟଜଳ ମିଳୁଥିଲେ ମଧ୍ୟ ଶୁଳ୍କ ଦେବାକୁ ପଡୁନାହିଁ। ଅନ୍ୟପକ୍ଷରେ ୧୨ହଜାରରୁ ଊର୍ଦ୍ଧ୍ୱ ଗୃହ ଏପର୍ଯ୍ୟନ୍ତ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ବ୍ୟବସ୍ଥାରେ ସାମିଲ ହୋଇନାହାନ୍ତି କି ନାମ ପଞ୍ଜୀକରଣ କରାଇନାହାନ୍ତି। ଫଳରେ ଏହି ବ୍ୟବସ୍ଥାର ଶତ ପ୍ରତିଶତ ରୂପାୟନ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ୱାଟକୋର ବରିଷ୍ଠ ଉନ୍ନୟନ ଅଧିକାରୀ ଭବାନୀ ମହାନ୍ତିଙ୍କୁ ପଚାରିବାରେ କହିଛନ୍ତି, ପୁରୀ ସହରରେ ପୂର୍ବରୁ ପାନୀୟ ଜଳଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବ୍ୟବସ୍ଥିତ ନ ଥିଲା। ଏବେ ଏହାକୁ ନୂଆ କରି ବ୍ୟବସ୍ଥିତ କରିବାକୁ ପଡୁଛି। ଅନେକ ସ୍ଥାନୀୟ ସମସ୍ୟା ରହିଛି, ଯାହାଫଳରେ ସବୁ ଗୃହରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ବ୍ୟବସ୍ଥାକୁ ସହଜରେ ଲାଗୁ କରାଯାଇପାରିନାହିଁ। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରି ସମସ୍ତ ଗୃହକୁ ପଞ୍ଜୀକରଣ କରାଯିବାର ବ୍ୟବସ୍ଥା ହେଉଛି। ସେହିଭଳି ପାନୀୟଜଳ ଯୋଗାଣ କ୍ଷେତ୍ରରେ ଚୋରି ମଧ୍ୟ ଦେଖିବାକୁ ମିଳୁଛି। ଚୋରି ରୋକିବା ପାଇଁ ପୁରୀ ପୌରସଂସ୍ଥା ସହଯୋଗରେ ବିଭିନ୍ନ ଉଦ୍ୟମ ଜାରି ରହିଛି।

### ପୁରୀ ସହରରେ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ବ୍ୟବସ୍ଥା



### ସେମାନେ ଯାହା କହନ୍ତି...



ପୂର୍ବରୁ ମଧ୍ୟ ପାନୀୟଜଳ ସୁବିଧା ମିଳୁଥିଲା। ମାତ୍ର ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଜନାରେ ସ୍ୱଚ୍ଛ ପାନୀୟଜଳ ଯୋଗାଣ ହେଉଛି। ଭୋର ୫ଟାରୁ ପୂର୍ବାହ୍ନ ୧୦ଟା ଓ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପାଣି ମିଳୁଛି। ସେହିଭଳି ପାଣି ବ୍ୟବହାରକାରୀଙ୍କ ପାଖକୁ ମାସିକ ବିଲ୍ ଆସୁଛି। ତେଣୁ ଲୋକେ ସଚେତନ ହୋଇ ପାଣି ବ୍ୟବହାର କରୁଛନ୍ତି। ଯିଏ ଯେତେ ପରିମାଣର ପାଣି ବ୍ୟବହାର କରୁଛନ୍ତି ତାଙ୍କୁ ତଦନୁଯାୟୀ ଅର୍ଥ ଦେବାକୁ ପଡୁଛି। ମାସକୁ ଆମ ପରିବାରକୁ ଶହେରୁ ଦେଢ଼ ଶହ ଟଙ୍କା ଦେବାକୁ ପଡୁଛି। ରାଜ୍ୟ ସରକାରଙ୍କର ଏହା ଏକ ଉତ୍ତମ ପଦକ୍ଷେପ।

–ସୁଲୋଚନା ମହାପାତ୍ର, ପୁରୀ ବାସେଲୀ ସାହି



ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ବ୍ୟବସ୍ଥା ଭଲ। ପାଣି ବାବଦକୁ ଅଧିକ ଖର୍ଚ୍ଚ ହେଉନାହିଁ। ଆମ ପରିବାରରେ ୬ଜଣ ଲୋକ ଥିବା ବେଳେ ଶହେ ଟଙ୍କା ପାଖାପାଖି ଅର୍ଥ ଦେବାକୁ ପଡୁଛି। ଏତେ ଉନ୍ନତ ମାନର ପାଣି ପାଇଁ ଶହେ ଟଙ୍କା ଦେବାକୁ ଆଦୌ ବାଧୁନାହିଁ। ପାନୀୟଜଳ ଏକ ମୌଳିକ ଆବଶ୍ୟକତା ହୋଇଥିବାବେଳେ ଭଲ ମାନର ପାଣି ଯୋଗାଇବାରେ ପୁରୀ ଜିଲା ପ୍ରଶାସନ ଠିକ ଭାବେ କାର୍ଯ୍ୟ କରୁଛି।

–ସନ୍ଧ୍ୟାରାଣୀ ଦାସ, ସିଦ୍ଧ ମହାବୀର ଗଳି



ବଡ଼ଦାଣ୍ଡରେ ଥିବା ପାନୀୟଜଳ ଟ୍ୟାପ ଶୁଳ୍କମୁକ୍ତ ହୋଇଥିବାରୁ ଏହାର ଦୁରୁପଯୋଗ ହେଉଛି। ସୂଚନାଫଳକରେ ସ୍ପଷ୍ଟ ଭାବେ ଲେଖାରହିଛି ଯେ, ଟ୍ୟାପ ପାଣି କେବଳ ପାନୀୟ ଜଳ ଭାବେ ବ୍ୟବହାର ପାଇଁ ଉଦ୍ଦିଷ୍ଟ। ମାତ୍ର କେହି ଏହାକୁ ମାନୁନାହାନ୍ତି। ଲୋକେ ହାତ ଧୋଇବା ସହ ବଡ଼ଦାଣ୍ଡର ଜଳଖିଆ ଦୋକାନୀ ଓ ଷ୍ଟ୍ରିଟ୍‌ଫୁଡ୍ ଷ୍ଟଲଗୁଡ଼ିକ ସେଠାରେ ବାସନ ମାଜିବାକୁ ପଛାଉନାହାନ୍ତି। ଯାହାଦ୍ୱାରା ପ୍ରଚୁର ପରିମାଣର ସ୍ୱଚ୍ଛ ପାନୀୟଜଳ ଅପଚୟ ହେଉଛି। ପୁରୀ ପୌରସଂସ୍ଥା ଏନେଇ ଦୃଷ୍ଟି ଦେବା ସହ ଏଭଳି ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରିବା ଉଚିତ। ସେହିଭଳି ଘରଗୁଡ଼ିକରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳୁଛି। ଲୋକେ ବାସନ ମାଜିବା ସହ ଗାଧୋଇବା ପାଇଁ ଏହି ଜଳକୁ ବ୍ୟବହାର କରୁଛନ୍ତି।

–ବିଶ୍ୱଜିତ ମହାନ୍ତି, ସାମାଜିକ କର୍ମୀ



ପୁରୀ ବାଲିଘାଇଠାରେ ବିଜୁ ଯୁବ ଜନତା ଦଳର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଦିବସରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

## ପ୍ରାଚୀନ, ବର୍ତ୍ତମାନ ସାହିତ୍ୟ ଭିତରେ ଅନ୍ତର

ପୁରୀ ଅଫିସ,୨୭।୧୦

ପ୍ରାଚୀନ ଓ ବର୍ତ୍ତମାନ ସାହିତ୍ୟ ଭିତରେ ରହିଛି ଅନେକ ପାର୍ଥକ୍ୟ। ଏଣୁ ପ୍ରତ୍ୟେକ ଲୋକ କବିତାକୁ ବୁଝିବା ପାଇଁ ଲେଖିକା ଲେଖକମାନେ ସରଳ ଭାଷା ପ୍ରୟୋଗ କରିବା ଉଚିତ୍ ବୋଲି ଅନୁଷ୍ଠାନର ସଭାପତି ଡ. ପ୍ରମିଳ କୁମାର ନନ୍ଦ କହିଛନ୍ତି। ସାହିତ୍ୟ ଅନୁଷ୍ଠାନ ସମ୍ପର୍କ ସାହିତ୍ୟର କବିତା ଆସର ଅନୁଷ୍ଠାନର ସଭାପତି ଡ.ପ୍ରମିଳ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ପୁରୀ ମହାତ୍ମା ଗାନ୍ଧୀ ପାର୍କରେ ଅନୁଷ୍ଠିତ ହୋଇଛି। କବିତା ଆସରରେ ଶ୍ରୀକ୍ଷେତ୍ରର ଏକାଧିକ ଅନୁଷ୍ଠାନର ସମ୍ପାଦକ, ସଭାପତି, କବୟିତ୍ରୀ ଓ କବିମାନେ ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ସୁରେଶ କୁମାର ପଟ୍ଟନାୟକ ସଭାକୁ ପରିଚାଳନା କରିଥିଲେ। ରବୀନ୍ଦ୍ର ନାଥ ପଟ୍ଟନାୟକ, ମଞ୍ଜୁଶ୍ରୀ ମିଶ୍ର, ଡ.ସୁରେନ୍ଦ୍ର ନାଥ ପତି, ଲଲାଟେନ୍ଦୁ କବି, ଦାମୋଦର ମହାନ୍ତି, ହରେକୃଷ୍ଣ ପ୍ରଧାନ, ସୁରେଶ ପଟ୍ଟନାୟକ, ରାଧାକୃଷ୍ଣ ପ୍ରଧାନୀ, ଡ.ପ୍ରମୋଦ କୁମାର ଦଳାଇ, ଡ.ନାରାୟଣ ନନ୍ଦ, ତ୍ରିନାଥ ଦାଶ ପ୍ରମୁଖ କବିତା ପାଠ କରିଥିଲେ। କବି ଦାମୋଦର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ୧ରେ ବ୍ଲକସ୍ତରୀୟ ଭଲିବଲ୍ ପାଇଁ ଖେଳାଳି ଚୟନ

କଣାସ ୨୭।୧୦(ସ୍ୱ.ପ୍ର.): ଆସନ୍ତା ୧ତାରିଖରେ କଣାସ ବ୍ଲକସ୍ତରୀୟ ଭଲିବଲ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ କରାଯିବ। ଆଞ୍ଚଳିକ କ୍ରୀଡ଼ା ଓ ସଂସ୍କୃତି ପରିଷଦ ପକ୍ଷରୁ କଣାସ ଗୋଲାବଜାରଠାରେ ଏହି ଚୟନ ଶିବିର ହେବ ବୋଲି ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଛୁଆଲସିଂହ ଓ ସମ୍ପାଦକ ମନୋରଞ୍ଜନ ସୁନ୍ଦରାୟ ସୂଚନା ଦେଇଛନ୍ତି। ଯେଉଁ ଖେଳାଳି ବ୍ଲକସ୍ତରରୁ ମନୋନିତ ହେବେ ସେମାନେ ଆସନ୍ତା ୫ତାରିଖରେ ପୁରୀ ଜିଲାସ୍ତରୀୟ ଚୟନ ପ୍ରକ୍ରିୟାରେ ଭାଗନେବେ। ଖେଳାଳିମାନେ ମୋବାଇଲ ଫୋନ୍ ନଂ-୯୪୩୯୧୨୯୩୮ ଏବଂ ୯୯୩୮୭୪୭୫୧୯ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଦାୟିତ୍ୱ ନ ନେବାରୁ କନିଷ୍ଠଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ

### ୧୪ ପୂର୍ବରୁ ୬ଟି ସ୍ମାର୍ଟ ସ୍କୁଲ କାର୍ଯ୍ୟ ସରିବା ନେଇ ଆଶଙ୍କା

ଗୋପ,୨୭।୧୦(ଡି.ଏନ୍.ଏ.): ଗୋପ ବ୍ଲକ ଅଧୀନରେ ଚାଲିଥିବା ୬ଟି ସ୍ମାର୍ଟ ସ୍କୁଲ ନିର୍ମାଣ କାର୍ଯ୍ୟ ଆସନ୍ତା ୧୪ତାରିଖ ପୂର୍ବରୁ ଶେଷ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ସ୍ମାର୍ଟ ସ୍କୁଲ କାର୍ଯ୍ୟ ମନ୍ଥର ଗତିରେ ଚାଲିବା ପରେ ନାଗପୁର ନାରାୟଣୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ତ୍ରିପାଠୀଙ୍କୁ ଦାୟିତ୍ୱରୁ ଅନ୍ତର କରାଯାଇ ତାଙ୍କ ସ୍ଥାନରେ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ସେ ଏହି ଦାୟିତ୍ୱ ନେବାକୁ ମନା କରିଦେଇଛନ୍ତି। ଏହାପରେ ବିଡିଓ ଦୀପ୍ତିରାଣୀ ଦାସ କନିଷ୍ଠ ଯନ୍ତ୍ରୀ ଷଡ଼ଙ୍ଗୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ବ୍ଲକରେ ବିଡିଓ ଓ ଯନ୍ତ୍ରୀଙ୍କ ମଧ୍ୟରେ ସମନ୍ୱୟ ନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ଏହି ବ୍ଲକର ଗୋପ ନିଗମାନନ୍ଦ ନୋଡାଲ ଉଚ୍ଚ, ନାଗପୁର ନାରାୟଣୀ ନୋଡାଲ ଉଚ୍ଚ ବିଦ୍ୟାଳୟ, କୋଣାର୍କ ଉଚ୍ଚ ବିଦ୍ୟାଳୟ, ନୟାହାଟ ଉଚ୍ଚ ବିଦ୍ୟାଳୟ, ବାଲିଆ ବିଦ୍ୟାପୀଠ ସହିତ ୬ଟି ସ୍କୁଲକୁ ସ୍ମାର୍ଟ ସ୍କୁଲ କରାଯିବ। କିନ୍ତୁ ଏହି ସବୁ ସ୍କୁଲଗୁଡ଼ିକର କାର୍ଯ୍ୟ ଠିକ ଭାବେ ନ ହେବା, କାର୍ଯ୍ୟରେ ମନ୍ଥରତା, ବ୍ଲକରୁ ଠିକ ସମୟରେ ଅର୍ଥ ନ ଆସିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଜିଲାପାଳ ସମର୍ଥ ବର୍ମା ଗସ୍ତରେ ଆସି କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ।

# ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ରାସ୍ତା ଓଗାଳିଲେ ଭାଜପା କର୍ମୀ

ବ୍ରହ୍ମଗିରି,୨୭।୧୦(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକର ବ୍ରହ୍ମଗିରି ଥାନା ସମ୍ମୁଖରେ ବୁଧବାର ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଏକ କାର୍ଯ୍ୟକ୍ରମକୁ ଯାଉଥିବାବେଳେ ବାଟରେ ଭାଜପା କର୍ମୀମାନେ ରାସ୍ତା ଓଗାଳିଥିଲେ। ସୂଚନା ଥାଉ କି, ଭାଜପା ଦଳ ପକ୍ଷରୁ ବୁଧବାର ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ ଥିବା ସମୟରେ ଭାଜପାର ଶତାଧିକ ଯୁବ କର୍ମୀ ଏକ ବାଇକ୍ ଶୋଭାଯାତ୍ରାରେ ପୁରୀ ଅଭିମୁଖେ ଯାଉଥିଲେ। ସୌଭାଗ୍ୟବଶତଃ ଏହି ସମୟରେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସ ବର୍ମା ତାଙ୍କ ସୁରକ୍ଷା ବଳୟ ମଧ୍ୟରେ ସାତପଡା ଗ୍ରସ୍ତ କରୁଥାନ୍ତି। ହଠାତ ବ୍ରହ୍ମଗିରି ଥାନା ସମ୍ମୁଖରେ ଉଭୟଙ୍କ ମୁହାଁମୁହିଁ ହୋଇଯାଇଥିଲା। ସଞ୍ଜୟଙ୍କୁ ଦେଖି ଭାଜପା କର୍ମୀମାନେ ତାଙ୍କ ଗାଡି ସମ୍ମୁଖରେ ବାଇକ ରଖି ବିଭିନ୍ନ ସ୍ଲୋଗାନ ଦେବା ସହିତ ରାସ୍ତା ଛାଡି ନ ଥିଲେ।। ଫଳରେ ସଞ୍ଜୟଙ୍କ ସାଥୀରେ ଥିବା ସୁରକ୍ଷା କର୍ମୀଙ୍କୁ ରାସ୍ତା କ୍ଲିୟର କରିବାକୁ ନାକେଦମ ହେବାକୁ ପଡ଼ିଥିଲା। କିଛି ସମୟ ପରେ ଭାଜପା କର୍ମୀମାନେ ଚାଲିଯିବା ପରେ ସଞ୍ଜୟ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଥିଲେ।

# ରାସ୍ତା ପାର୍ଶ୍ୱ ବିଲକୁ ଓଲଟିଲା ଯାତ୍ରୀବାହୀ କ୍ୟାଣ୍ଟର

### ୧୫ ଆହତ, ୫ ଗୁରୁତର

କୋଣାର୍କ, ୨୭।୧୦(ଡି.ଏନ୍.ଏ.): କୋଣାର୍କ ଥାନା ଅଧୀନ କୋଣାର୍କ–କାକଟପୁର ମୁଖ୍ୟରାସ୍ତାର ଗୟଳ ଛକଠାରେ ବୁଧବାର ଏକ ଯାତ୍ରୀବାହୀ କ୍ୟାଣ୍ଟର ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ବିଲକୁ ଓଲଟି ପଡ଼ିଛି। ଫଳରେ ଗାଡ଼ିରେ ଥିବା ୧୫ଜଣ ଯାତ୍ରୀ ଆହତ ହୋଇଥିବାବେଳେ ୫ ଜଣ ଗୁରୁତର ହୋଇଛନ୍ତି। ଖବର ଅନୁଯାୟୀ, ଷୋଳପୁଅ ନାମକ ଯାତ୍ରୀବାହୀ କ୍ୟାଣ୍ଟର(ନଂ.ଓଆର୧୩ଏ ୪୩୦୫) କାକଟପୁରଠାରୁ ୩୫ଜଣ ଯାତ୍ରୀଙ୍କୁ ନେଇ ସନ୍ଧ୍ୟା ସମୟରେ ପୁରୀ ଅଭିମୁଖେ ଯାଉଥିଲେ। ହେଲେ ଗୟଳ ଛକଠାରେ କ୍ୟାଣ୍ଟରଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଧାନ ବିଲକୁ ଓଲଟି ପଡିଥିଲା। ଏହି କ୍ୟାଣ୍ଟରରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୧୫ଜଣ ଆହତ ହୋଇଥିବା ବେଳେ ୫ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଦେଖି ଗାଡ଼ି ନିକଟକୁ ଯାଇ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ପରେ ଖବରପାଇ କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଚମ୍ପାହର ଅଗ୍ନିଶମ ବିଭାଗ ସହାୟତାରେ ଆହତ ଓ ଗୁରୁତର ହୋଇଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ କ୍ୟାଣ୍ଟରଟିକୁ ଜବତ କରି ଦୁର୍ଘଟଣାର କାରଣ ଓ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ତାହାର ବିଧିବଦ୍ଧ ତଦନ୍ତ କରାଯିବ ବୋଲି କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି।




ଓଲଟି ପଡିଥିବା କ୍ୟାଣ୍ଟର ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଏଲିନା



@ ମନସ୍ମିତା



@ ବାବୁ



@ ପିଙ୍କି



@ ସତ୍ୟବାନ



@ ସୋନୁ



@ ପିଣ୍ଟୁ

# ‘ବିନା ପ୍ରେସ୍‌କ୍ରିପ୍‌ଶନ୍‌ରେ ମେଡିସିନ୍ ଦିଅନାହିଁ’

### ଡ୍ରଗ୍ସ ଇନ୍ସପେକ୍ଟରଙ୍କୁ ଭେଟିଲା ଔଷଧ ବ୍ୟବସାୟୀ ସଂଘ

ପୁରୀ ଅଫିସ,୨୭।୧୦: ପୁରୀ ଜିଲା ଡ୍ରଗ୍ସ ଇନ୍ସପେକ୍ଟରଙ୍କୁ ବୁଧବାର ଔଷଧ ବ୍ୟବସାୟୀ ସଂଘ କର୍ମକର୍ତ୍ତା ଭେଟିଛନ୍ତି। ଔଷଧ ବିତରଣ କ୍ଷେତ୍ରରେ ଥିବା ଡାକ୍ତରୀ ଗାଇଡଲାଇନ୍‌କୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ନୂତନ ଡ୍ରଗ୍ସ ଇନ୍ସପେକ୍ଟର ଅଞ୍ଜନ କୁମାର ସାହୁ ପରାମର୍ଶ ଦେଇଛନ୍ତି। ଭରସାଯୋଗ୍ୟ ଓ ସ୍ୱୀକୃତିପ୍ରାପ୍ତ କମ୍ପାନୀଠାରୁ ଔଷଧ ଖରିଦ କରିବା, ସମ୍ବେଦନଶୀଳ ଔଷଧ ବିକ୍ରି ବେଳେ ତାହାର ଫଟୋ କପି ରଖିବା, ଗୁଣାତ୍ମକ ସାର୍ଟିଫିକେଟ୍ ନିଜ ପାଖରେ ରଖିବା, ରେଜିଷ୍ଟର ମେଣ୍ଟେନ୍ କରିବା, ବିନା ପ୍ରେସକିପ୍‌ଶନ୍‌ରେ ଔଷଧ ନ ଦେବା ପାଇଁ ଔଷଧ ବ୍ୟବସାୟୀ ସଂଘକୁ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ଜିଲା ଔଷଧ ବ୍ୟବସାୟୀ ସଂଘର ସଭାପତି ସୁଜିତ ସେନଗୁପ୍ତା ଓ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖ ଡ୍ରଗ ଇନ୍ସପେକ୍ଟରଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଡାକ୍ତରୀ ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ପାଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ଡ୍ରଗ୍ସ ଇନ୍ସପେକ୍ଟର ସାହୁ କହିଛନ୍ତି, ଡ୍ରଗ୍ସ କଣ୍ଟ୍ରୋଲ ବୋର୍ଡ ଦ୍ୱାରା ଜାରି ଆଇନ କାନୁନକୁ ଔଷଧ ଦୋକାନୀମାନଙ୍କୁ ପୁରୀ ଜିଲାରେ କଡ଼ାକଡ଼ି ଭାବେ ପାଳନ କରିବାକୁ ପଡ଼ିବ। ଏନେଇ ଆଲୋଚନା ହୋଇଛି। ଆଗାମୀ ଦିନରେ ଏହାକୁ କାର୍ଯ୍ୟକାରୀ କରାଯିବ।

## ସଂକ୍ଷେପରେ

### ବିଜେଡିରେ ଯୋଗଦେଲେ କଂଗ୍ରେସ କର୍ମୀ

**କାକଟପୁର,୨୭।୧୦(ଡି.ଏନ୍.ଏ.):** କାକଟପୁର ବ୍ଲକର ସୁହାଗପୁର ପଞ୍ଚାୟତରେ ବିଜୁ ଜନତା ଦଳର ଏକ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷ ସ୍ୱାଧୀନ ନାୟକ, ଜିଲା ପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳାଇ, କବିରାଜ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଉପସ୍ଥିତିରେ ଏହି ପଞ୍ଚାୟତର କେତେଜଣ କଂଗ୍ରେସ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଛନ୍ତି। ନୂତନ କର୍ମୀମାନଙ୍କୁ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଏହି ମିଶ୍ରଣ ଅଧିକ ମଜଭୁତ କରିବ ବୋଲି ଉପସ୍ଥିତ ନେତୃବୃନ୍ଦ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସୁଧାକର ସାହୁ, ବେଣୁଧର ସେଠୀ, ଲକ୍ଷ୍ମୀଧର ମହାରଣା, ଅଭିମନ୍ୟୁ କାଣ୍ଡି, ମଧୁରୀ ରାଉତ, ପ୍ରଫୁଲ୍ଲ କାଣ୍ଡି, ଅରକ୍ଷିତ ସେଠୀ, କୁମର କାଣ୍ଡି, ରଞ୍ଜନ କାଣ୍ଡି, ପଦ ସାହୁ, ଶଙ୍ଖ ନିଧୀ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

### ଏସ୍‌ପି ଅଫିସ ଘେରିଲା ପୁରୀ ଜିଲା ଯୁବ ମୋର୍ଚ୍ଚା

**ପୁରୀ ଅଫିସ ୨୭।୧୦:** ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ବହିଷ୍କାର ଓ ଗିରଫ ଦାବିରେ ବୁଧବାର ଭାଜପା ଯୁବ ମୋର୍ଚ୍ଚା ପୁରୀ ଜିଲା ପକ୍ଷରୁ ଏସ୍‌ପି ଅଫିସ ଘେରାଉ କରାଯାଇଥିଲା। ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ କର୍ମୀମାନେ ଶରଧାବାଲିଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଆସି ଏସ୍‌ପିଙ୍କ ଅଫିସ ଘେରାଉ କରିଥିଲେ। କଳାହାଣ୍ଡିର ଶିକ୍ଷୟିତ୍ରୀ ମମିତା ମେହେରଙ୍କ ହତ୍ୟା ଘଟଣାରେ ମନ୍ତ୍ରୀ ମିଶ୍ର ସଂପୃକ୍ତ ଥିବା ଭାଜପା ଯୁବ ମୋର୍ଚ୍ଚା ଅଭିଯୋଗ କରିଛି। ଭାଜପା କର୍ମୀମାନେ ପୋଲିସ ବ୍ୟାରିକେଡ ଭାଙ୍ଗିବା ସହ ପୋଲିସକୁ ଅଣ୍ଡା ମାଡ଼ କରିଥିଲେ। ବିକ୍ଷୋଭରେ ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ ଏବଂ ଅନ୍ୟ କର୍ମୀମାନେ ସାମିଲ ଥିଲେ।

### ଅଭିଯୁକ୍ତଙ୍କୁ ଦଣ୍ଡ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

**ପୁରୀ ଅଫିସ୍,୨୭।୧୦:** ପୁରୀ ଚନ୍ଦନପୁର ବାଇପାସ୍‌ଠାରେ ହୋଇଥିବା ଏକ ଆକ୍ରମଣାତ୍ମକ ଡକାୟତିରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ନେଇ ଜଣେ ବ୍ୟକ୍ତି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକାରୀ ଚନ୍ଦନପୁର ଥାନା କେରାଣ୍ଡି ପୁର ଗ୍ରାମର କୈଳାସ ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ଗତ ୮ ତାରିଖରେ ସେ କେରାଣ୍ଡିପୁରରୁ ସାଇକେଲରେ ବାଲିଗୁଆଳି ଯାଉଥିଲେ। ବଳଭଦ୍ର ବାଇପାସ ଛକରେ ନିଳାମ୍ବରପୁରର ଟୁନା ମହାରଣା ନାମକ ଏକ ଯୁବକ ଝାଉଁ କାଠରେ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ତାଙ୍କ ହାତ ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ପାଇ ସେ ଚେତାଶୂନ୍ୟ ହୋଇଯାଇଥିଲେ। ଏହାର ସୁଯୋଗରେ ଅଭିଯୁକ୍ତ ତାଙ୍କ ପକେଟ୍‌ରୁ ୩୦ ହଜାର ଟଙ୍କା ନେଇ ଯାଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଅଭିଯୋଗକୁ ଅନେକ ଦିନ ବିତି ଯାଇଥିଲେ ମଧ ପୋଲିସ ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇପାରିନାହିଁ। ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଦଣ୍ଡ ଦେବା ସହ ଚୋରି ଟଙ୍କା ଫେରସ୍ତ ପାଇଁ କୈଳାସ ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି।

### ରୁକ୍ମିଣୀ ଦେବୀଙ୍କ ସ୍ମୃତି ସଭା

**କୋଣାର୍କ, ୨୭।୧୦(ଡି.ଏନ୍.ଏ.):** କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ ଓ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ଶୋଭନୀୟତା ଓ ସେବାର ବର୍ତ୍ତିକା ଦିବଂଗତା ମା’ ରୁକ୍ମିଣୀ ଦେବୀଙ୍କର ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ଆୟୋଜିତ ହୋଇଛି। ପ୍ରତ୍ୟୁଷରୁ ସର୍ବଧର୍ମ ପ୍ରାର୍ଥନା, ବେଦପାଠ ଓ କ୍ରିୟାକର୍ମ ସମ୍ପନ୍ନ ପରେ ମା’ ରୁକ୍ମିଣୀ ଦେବୀଙ୍କ ଉଦ୍ଦେଶ୍ୟରେ ନିର୍ମିତ ସ୍ମୃତିପୀଠକୁ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା-ସମ୍ପାଦିକା ଡ.ଅରୁନ୍ଧତୀ ଦେବୀ ଉଦ୍‌ଘାଟନ କରିଥିଲେ। କଣ୍ଠଶିଳ୍ପୀ ବିଜୟଲକ୍ଷ୍ମୀ ଭଜନ ଗାନ କରିଥିଲେ। ସଭାରେ ମା’ ଶାରଦା ଦେବୀ, ହରିଶ୍ଚନ୍ଦ୍ର ଦାଶ, ପ୍ରକାଶଚନ୍ଦ୍ର ଖଟୋଇ, ଉମେଶ ସ୍ୱାଇଁ, ରବୀନ୍ଦ୍ରନାଥ ବାହିନୀପତି, ଡା. ବିଧୁଭୂଷଣ ନାୟକ, ଗୋପାଳଚନ୍ଦ୍ର ବେହେରା, ଅଧାପକ ବିବେକାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଡ. ବନଲତା ଦେବୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ବିଦୁଲତା ଶତପଥୀ, ମନୋରମା ମିଶ୍ର, ରାଜଲକ୍ଷ୍ମୀ ମିଶ୍ର, କୁନାଲ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ନଭେମ୍ବରରୁ ଉତ୍ସବ ମୁଖରିତ ହେବ ମଞ୍ଚ

**ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପ୍ରସ୍ତୁତି**

- ୧ରୁ ମେଘ ଉତ୍ସବ, ୯ରୁ ଟ୍ରାଇବାଲ ଫେଷ୍ଟିଭାଲ
- ଦୁଇଟି ସ୍ଥାନରେ ଚିଲ୍‌ଡ୍ରେନ୍ ଥିଏଟର ଫେଷ୍ଟିଭାଲ
- ଡିସେମ୍ବରରେ ‘ଲିଜେଣ୍ଡସ୍ ଅଫ୍ ଓଡ଼ିଶା ସିରିଜ୍-୧’

ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)



କରୋନା ମହାମାରୀ ଥମିଛି। ଦୀର୍ଘଦିନ ଧରି ଜୀବନଜୀବିକାକୁ ନେଇ ସଂଘର୍ଷ କରୁଥିବା କଳାକାରମାନେ ମଞ୍ଚକୁ ଯିବାକୁ ଚାହିଁ ବସିଛନ୍ତି। ଏପଟେ କରୋନାର କୋପ ଭିତରେ ଧୁନ୍ଦି ହେଉଥିବା ଶିଶୁଠାରୁ ବୟସ୍କ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ମନକୁ ଟିକେ ହାଲୁକା କରିବା ପାଇଁ ମଞ୍ଚ ବି ଖୋଜୁଛନ୍ତି। ଏପରିସ୍ଥଳେ ଦର୍ଶକଙ୍କୁ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଭେଟି ଦେବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଅଣ୍ଟା ଭିଡିଛି। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ସରକାରଙ୍କ ନୂଆ ଗାଇଡ୍‌ଲାଇନ୍‌କୁ ଅପେକ୍ଷା କରାଯାଇଛି। ସ୍ଥିତି ଅନୁକୂଳ ହେଲେ ନଭେମ୍ବରରୁ ଉତ୍ସବ ମୁଖରିତ ହେବ ମଞ୍ଚ। ରାଜ୍ୟର ବିଭିନ୍ନ ଜିଲାରେ ମହୋତ୍ସବ ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବ ଏକାଡେମୀ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ, ପ୍ରଥମଥର ଲାଗି ରାଜ୍ୟର ଉପାନ୍ତ ଅଞ୍ଚଳ ମାଲକାନଗିରି ଜିଲାରେ ଅନୁଷ୍ଠିତ ହେବ ‘ରାଜ୍ୟସ୍ତରୀୟ ମେଘ ଉତ୍ସବ’। ଏଥିପାଇଁ ନଭେମ୍ବର ୧ ଓ ୨ ତାରିଖକୁ ସ୍ଥିର କରାଯାଇଛି। ଉତ୍ସବରେ ଶାସ୍ତ୍ରୀୟ ଓ ଲୋକନୃତ୍ୟ ସହିତ ଓଡ଼ିଶୀ ନୃତ୍ୟ, ସଙ୍ଗୀତ, ତାଳବାଦ୍ୟ, ସୁଗମ ସଙ୍ଗୀତ ଆଦି ପରିବେଷଣ କରାଯିବ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଶହେ ଜଣ କଳାକାର ଏଥିରେ ଅଂଶ ଗ୍ରହଣ କରିବେ। ସେହିପରି ଏହି ମହୋତ୍ସବରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନ କରାଯିବ। ପୂର୍ବରୁ ଚଳିତ ମାସ ୩ ଓ ୪ ତାରିଖରେ ଏହି ଉତ୍ସବ ଆୟୋଜନ ହେବାର ଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହାକୁ ସ୍ଥଗିତ ରଖାଯାଇଥିଲା। କେବଳ ସେତିକି ନୁହେଁ, ଆସନ୍ତା ୯ ଓ ୧୦ ତାରିଖରେ ନ୍ୟାଶନାଲ ଟ୍ରାଇବାଲ୍ ଫେଷ୍ଟିଭାଲ ମଧ ଆୟୋଜନ କରାଯିବ। ଇଷ୍ଟର୍ନ ଜୋନ୍ କଲଚରାଲ୍ କାଉନ୍‌ସିଲ (ଇଜେଡ୍‌ସିସି)ର ମିଳିତ ଆନୁକୂଲ୍ୟରେ ବାରିପଦାର ରାଇରଙ୍ଗପୁରଠାରେ ଏହି ଦୁଇଦିନିଆ ମହୋତ୍ସବରେ ରାଜ୍ୟରୁ ୬ଟି ଓ ରାଜ୍ୟ ବାହାରୁ ୪ଟି ଦଳ ଅଂଶ ଗ୍ରହଣ କରିବେ। ଝାଡ଼ଖଣ୍ଡର ଷଢେଇକଳା ସହିତ ପଶ୍ଚିମବଙ୍ଗର ପୁରୁଲିଆ ଛଉ, ଆସାମ ଏବଂ ପଞ୍ଜାବର ଲୋକନୃତ୍ୟ ଆଦି ଦେଖିବାକୁ ମିଳିବ। ଏଥିସହ ମୟୂରଭଞ୍ଜ, କେନ୍ଦୁଝରର ଜୁଆଙ୍ଗ, ବାଲେଶ୍ୱରରୁ ଭୂମିଆଁ ଓ ସୁନ୍ଦରଗଡ଼ରୁ ଓରାଙ୍ଗମାନେ ଲୋକନୃତ୍ୟ ପରିବେଷଣ କରିବେ। ଖୁବ୍‌ଶୀଘ୍ର ଆଉ ୨ଟି ଜିଲାରେ ଟ୍ରାଇବାଲ୍ ଫେଷ୍ଟିବାଲ ନେଇ ନିଷ୍ପତ୍ତି ହେବ। ସେହିପରି ୧୭ ଓ ୧୮ ତାରିଖରେ ରାଉରକେଲା ଓ ବ୍ରହ୍ମପୁରଠାରେ ଚିଲ୍‌ଡ୍ରେନ୍ ଥିଏଟର ଫେଷ୍ଟିଭାଲ ହେବ। ସ୍କୁଲରୁ ପିଲାଙ୍କୁ ନାଟକ ପ୍ରଶିକ୍ଷଣ ସହ ପ୍ରଦର୍ଶନ କରାଯିବ। ପରବର୍ତ୍ତୀ ସମୟରେ ବାଲେଶ୍ୱର ଜିଲାରେ ଏହି ଥିଏଟର କରିବା ନେଇ ଯୋଜନା କରାଯାଇଛି। ସେହିପରି ୨୮ ଓ ୨୯ ତାରିଖରେ ରାୟଗଡ଼ାରେ ‘ଲୋକ ନାଟକ ମହୋତ୍ସବ’ ଅନୁଷ୍ଠିତ ହେବ। ଏ ସମସ୍ତ କାର୍ଯ୍ୟକ୍ରମ କୋଭିଡ୍ କଟକଣା ମଧ୍ୟରେ ୨ଶହ ଲୋକଙ୍କ ମଧ୍ୟରେ ଆୟୋଜନ କରାଯିବ। ନଭେମ୍ବରରେ ରାଜଧାନୀ ବାହାରେ ବିଭିନ୍ନ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଡିସେମ୍ବରରେ ଭୁବନେଶ୍ୱରର ରବୀନ୍ଦ୍ରମଣ୍ଡପଠାରେ ‘ଲିଜେଣ୍ଡସ୍ ଅଫ୍ ଓଡ଼ିଶା ସିରିଜ୍-୧’ ପରିବେଷଣ କରାଯିବ। ଏଥିରେ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଧାରିତ ନାଟକ ପ୍ରଦର୍ଶନ ହେବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

## ଅସ୍ତରଙ୍ଗ ଯୁବ ଜନତା ଦଳ ସଭାପତି ପ୍ରଶାନ୍ତ

ଅସ୍ତରଙ୍ଗ,୨୭।୧୦(ଡି.ଏନ୍.ଏ.)

ଅସ୍ତରଙ୍ଗ ବ୍ଲକର ବିଜୁ ଯୁବ ଜନତା ଦଳର ସଭାପତି ଭାବେ ପ୍ରଶାନ୍ତ କୁମାର ନାୟକଙ୍କୁ ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନୋନୀତ କରିଛନ୍ତି। ପ୍ରଶାନ୍ତ ଦୀର୍ଘ ଦିନ ହେବ ବିଜେଡି ଦଳରେ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରି ଆସୁଛନ୍ତି। ତାଙ୍କୁ ଏହି ପଦବୀରେ ନିଯୁକ୍ତି ପାଇଁ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅସ୍ତରଙ୍ଗ ବ୍ଲକ ଅଧକ୍ଷ ତଥା ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ସ୍ୱାଧୀନ ନାୟକ ସୁପାରିସ କରିଥିଲେ। ସଭାପତି ନାୟକ ଅସ୍ତରଙ୍ଗ ବ୍ଲକର ଯୁବ ଗୋଷ୍ଠୀଙ୍କୁ ଏକାଠି କରି ଦଳୀୟ କାର୍ଯ୍ୟକ୍ରମରେ ସାମିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ସଭାପତି ଭାବେ ନିଯୁକ୍ତି ପାଇବେ ପରେ ପଞ୍ଚାୟତ ନିର୍ବାଚନରେ ଦଳକୁ ସଂଖ୍ୟା ଗରିଷ୍ଠତା କରିବା ଦିଗରେ ୧୫ ପଞ୍ଚାୟତରେ ଦଳୀୟ ସ୍ଥିତକୁ ସୃଦୃଢ କରି ପଞ୍ଚାୟତ ନିର୍ବାଚନ ଜିତିବା ପାଇଁ ପ୍ରତିଶ୍ରୁତି ବଦ୍ଧ ବୋଲି ଦଳୀୟ ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏଥିସହ ସଭାପତି ଚୟନ ହୋଇଥିବାରୁ ପ୍ରଶାନ୍ତ ମୁଖ୍ୟମନ୍ତ୍ରୀ, କ୍ରୀଡ଼ା ମନ୍ତ୍ରୀ, ବ୍ଲକ ଅଧକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ବୁଧବାର ଆରମ୍ଭ ହୋଇଥିବା ଗୀତିନାଟ୍ୟ ମହୋତ୍ସବରେ ‘କର୍ଣ୍ଣବଧ’ର ଏକ ଦୃଶ୍ୟ।

## ଗୀତିନାଟ୍ୟ ମହୋତ୍ସବ ଆରମ୍ଭ

ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ୧୩୯ତମ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଅବସରରେ ଗୀତିନାଟ୍ୟ ମହୋତ୍ସବ ଆରମ୍ଭ ହୋଇଛି। ରାଜ୍ୟ କଳା ସଂସ୍କୃତି ପରିଷଦ ଓ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇଦିନିଆ ମହୋତ୍ସବକୁ ସିନେ କଳାକାର ତଥା ମଞ୍ଚ ଅଭିନେତା ଅଶ୍ରୁମୋଚନ ମହାନ୍ତି, ନାଟ୍ୟ ଗବେଷକ ଡ. ସୁବୋଧ ପଟ୍ଟନାୟକ, ଓଡ଼ିଶା ସଙ୍ଗୀତ ନାଟକ ମହାବିଦ୍ୟାଳୟ ଅଧକ୍ଷ ବିଜୟ କୁମାର ଜେନା, ରାଜ୍ୟ ସଂସ୍କୃତି ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋୟୀ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭିକ ସୂଚନା ପ୍ରଦାନ କରି ରାଜ୍ୟ ପ୍ରକଳ୍ପ ସଂଯୋଗ ମାଳବିଶୋୟୀ ଲୋକକଳା ମଧ୍ୟରେ ଗୀତିନାଟ୍ୟକୁ ସାମିଲ କରାଯାଇ ଗଣକବିଙ୍କ ଜୟନ୍ତୀରେ ପ୍ରତିବର୍ଷ ତିନିଦିନ ଗୀତିନାଟ୍ୟ ପରିବେଷଣ କରାଯିବା ନିମନ୍ତେ ରାଜ୍ୟ ସରକାର ଅନୁମୋଦନ କରିଥିବା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଗଣକବିଙ୍କ ପ୍ରତି ଏକ ବିଶେଷ ଶ୍ରଦ୍ଧାଞ୍ଜଳି ହେବା ସହ ପାରମ୍ପରିକ ଗୀତିନାଟ୍ୟ ଧାରାକୁ ବଞ୍ଚାଇ ରଖିବାରେ ସହାୟକ ହେବ। ଉଦ୍‌ଘାଟନୀ ପର୍ବରେ କଟକ ଜିଲା ମାହାଙ୍ଗା ବ୍ଲକ୍‌ର କୋଠପଦାସ୍ଥିତ ବିନାୟକ କ୍ଲବ୍‌ର କଳାକାରମାନେ ସ୍ୱର୍ଗତ ବୈଷ୍ଣବ ପାଣିଙ୍କ ଲିଖିତ ଗୀତିନାଟ୍ୟ ‘କର୍ଣ୍ଣବଧ’ ମଞ୍ଚସ୍ଥ କରିଥିଲେ। ଏହି ଅବସରରେ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁବାର ଗଞ୍ଜାମ ଜିଲା ଆସିକା ବ୍ଲକ୍‌ର ନଳବଣ୍ଟାସ୍ଥିତ ଶ୍ରୀଶ୍ରୀ ନୃସିଂହନାଥ ନାଟ୍ୟକଳା ସଂସଦର କଳାକାରଙ୍କ ଦ୍ୱାରା ପ୍ରହଲ୍ଲାଦ ନାଟକ ମଞ୍ଚସ୍ଥ ହେବାର କାର୍ଯ୍ୟକ୍ରମ ରହିଛି। କୋଭିଡ୍ ନିୟମ ପାଳନ ସହ ଏହି କାର୍ଯ୍ୟକ୍ରମକୁ ଫେସ୍‌ବୁକ ୟୁଟ୍ୟୁବ୍‌ରେ ପ୍ରସାରଣ କରାଯାଇଛି। ଏହାକୁ ମଧ ଦୂରଦର୍ଶନରେ ପ୍ରସାରଣ କରାଯିବାକୁ ସ୍ଥିର ହୋଇଛି।

## ବାଇକ୍ ଚୋରି ର୍‍ୟାକେଟ ଠାବ, ୪ ଗିରଫ

**୮ ବାଇକ୍ ସହ ଯନ୍ତ୍ରାଂଶ ଜବତ**

ଗୋପ,୨୭।୧୦(ଡି.ଏନ୍.ଏ.)

ଗତ କିଛି ମାସ ଧରି ଗୋପ ସମେତ ଆଖପାଖ ଥାନା ଅଞ୍ଚଳରେ ବାଇକ ଚୋରି କ୍ରମାଗତ ଭାବରେ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଆସୁଥିଲା। ଏହି ବାଇକ୍ ଚୋରି ଘଟଣାକୁ ଗୋପ ପୋଲିସ ଏକ ଚ୍ୟାଲେଞ୍ଜ ଭାବେ ନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଚଢ଼ାଉରେ ବାଇକ୍ ଚୋର ଗ୍ୟାଙ୍ଗକୁ ଠାବ କରିବା ସହ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ଗିରଫ କରିଥିବା ଗୋପ ଥାନାଧିକାରୀ କାଳନ୍ଦୀ ବେହେରା ବୁଧବାର ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି। ୪ ଅଭିଯୁକ୍ତ ହେଲେ ନିମାପଡ଼ା ଥାନା ବଢ଼ରିକୋଲର ଶଶିଭୂଷଣ ଦାସ, ମନୋଜ ରାଉତ, ଅଙ୍ଗାରପଡ଼ାର ବିଭୁପ୍ରସାଦ ଦାସ ଓ ବାଲିପାଟଣା ଥାନା ଅଞ୍ଚଳର ପ୍ରଦୀପ କୁମାର ଭୋଇ। ସେମାନଙ୍କଠାରୁ ୮ରୁ ଉର୍ଦ୍ଧ୍ୱ ଚୋରା ବାଇକ୍ ସହ ବିଭିନ୍ନ ଯନ୍ତ୍ରାଂଶ ଜବତ କରାଯାଇଛି। ଏଥିସହ ୪ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିବାବେଳେ ବିଚାର ବିଭାଗୀୟ ସେମାନଙ୍କୁ ଜେଲକୁ ପଠାଇଛନ୍ତି। ଏମାନଙ୍କ ନାମରେ ଏକାଧିକ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗୋପ ଅଞ୍ଚଳରେ ଗୋଟିଏ ମାସ ମଧ୍ୟରେ ଲଗାତର ବାଇକ୍ ଚୋରି ହେବାର ଅଭିଯୋଗ ହେଉଥିବା ବେଳେ ଗତ ୨୫ତାରିଖରେ ନାଗପୁର ବଜାରରେ ଶଶିଭୂଷଣ ଓ ମନୋଜ ଗାଡ଼ି ଚୋରି କରୁଥିବାବେଳେ ଲୋକଙ୍କ ହାତରେ ଧରାପଡ଼ିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ପଚରାଉଚରା କରିବା ବେଳେ ବାଇକ୍ ଚୋରି ର୍‍ୟାକେଟରେ ସକ୍ରିୟ ଥିବା ଜଣାପଡ଼ିଥିଲା। ଏପରିକି ସେମାନେ ନିମାପଡ଼ା, ଗୋପ, ବାଲିପାଟଣା, ନିଆଳି, ବାଲକାଟୀ, କୋଣାର୍କ ଅଞ୍ଚଳରୁ ବାଇକ୍ ଚୋରି କରି ବିଭିନ୍ନ ଗ୍ୟାରେଜରେ ବିକ୍ରି କରୁଥିବା ସ୍ୱୀକାର କରିଥିଲେ। ଏହି ଆଧାରରେ ଗୋପ ପୋଲିସର ଏକ ଟିମ୍ ଗତ ୨ଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮ଟି ବାଇକ୍ ସହ କେତେକ ଗାଡ଼ିର ଯନ୍ତ୍ରାଂଶ ଜବତ କରିଥିଲେ। ଏଥିସହ ଗ୍ୟାଙ୍ଗର ଅନ୍ୟ ୨ଜଣ ପ୍ରଦୀପ ଓ ବିଭୁଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଜଣଙ୍କୁ ଅଟକ ରଖିଛି। ଚଢ଼ାଉରେ ଗୋପ ଥାନାଧିକାରୀ କାଳନ୍ଦୀ ବେହେରାଙ୍କ ସହ ଏସ୍‌ଆଇ ବଂଶୀଧର ବିଶ୍ୱାଳ, ସୁଶାନ୍ତ ଦାସ ପ୍ରମୁଖ ଥିଲେ।



ପୋଲିସ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ଏବଂ ଜବତ ଗାଡ଼ି।

## ଶ୍ରୀମନ୍ଦିର ବାହାର ବେଢା ପରିକ୍ରମା ପାଇଁ ହୁଇଲ ଚେୟାର ସେବା

ପୁରୀ ଅଫିସ, ୨୭।୧୦

ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ଶ୍ରୀମନ୍ଦିର ବାହାର ବେଢା ପରିକ୍ରମା କରାଇବା ପାଇଁ ବୁଧବାର ସାମାଜିକ ଅନୁଷ୍ଠାନ ସେଣ୍ଟର ଫର ଆକ୍ସନ୍ ପକ୍ଷରୁ ହୁଇଲ ଚେୟାର ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଶ୍ରୀଜଗନ୍ନାଥ ମନ୍ଦିର ଦାୟିତ୍ୱରେ ଥିବା ସୁବେଦାର ଯୋଗେଶ ଚନ୍ଦ୍ର ସ୍ୱାଇଁ, ଡ. ଦିବ୍ୟାଲୋଚନ ସ୍ୱାଇଁ ଏବଂ ମନ୍ଦିର ପ୍ରଶାସନିକ ଓଏସ୍‌ଡି ଶୁଭ୍ରାଂଶୁ ଶେଖର ପାଢୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଲକ୍ଷ୍ମୀଧର ନାୟକ, ସୁନିଲ କୁମାର ବରାଜ, ଡ. ବୈଜୟନ୍ତ ରୟ ଗୋଟିଏ ଚକିଆ ଚେୟାର ଦାନ କରିଛନ୍ତି। ଏହି ଅବସରରେ ଗୀତା ଓଲ୍ଡ ଏଜ୍ ହୋମର ୩ ଅନ୍ତେବାସୀଙ୍କୁ ଏହି ହୁଇଲ ଚେୟାରରେ ଶ୍ରୀମନ୍ଦର ବାହାର ବେଢା ପରିକ୍ରମା କରାଯାଇଥିଲା। ବିଭିନ୍ନ ସ୍ଥାନରୁ ଆସୁଥିବା ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ଅନୁଷ୍ଠାନ ପକ୍ଷରୁ ସେବା ଯୋଗାଇ ଦିଆଯିବ। ଏହା ସହ ଅନୁଷ୍ଠାନ ପକ୍ଷରୁ ବାହାର ବେଢା ପରିକ୍ରମା, ଅରୁଣସ୍ତମ୍ଭ ନିକଟରୁ ମହାପ୍ରଭୁଙ୍କ ଦର୍ଶନ କରାଯିବାର ବ୍ୟବସ୍ଥା ରହିଥିବା ଅନୁଷ୍ଠାନର ସଦସ୍ୟ ତଥା ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର ସୂଚନା ଦେଇଛନ୍ତି।

## ସାଇ ଇଣ୍ଟରନ୍ୟାଶନାଲକୁ ‘ସ୍କୁଲ୍ ଅଫ୍ ଏମିନେନ୍ସ ଆୱାର୍ଡ’

**ପୂର୍ବ ଭାରତର ଏକମାତ୍ର ସ୍କୁଲ ଭାବେ ସମ୍ମାନିତ**

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ ଏଜୁକେଶନ ୱାର୍ଲ୍ଡର ଏ++ ସର୍ବୋଚ୍ଚ ସମ୍ମାନ ‘ସ୍କୁଲ ଅଫ୍ ଏମିନେନ୍ସ ଆୱାର୍ଡ ୨୦୨୧-୨୨’ ପ୍ରଦାନ କରାଯାଇଛି। ଦେଶରୁ ମୋଟ ୭୧୬ ସ୍କୁଲ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବୁଧବାର ବେଙ୍ଗାଲୁରୁଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ପୂର୍ବ ଭାରତର ଏକମାତ୍ର ସ୍କୁଲ ଭାବେ ସାଇ ଇଣ୍ଟରନ୍ୟାଶନାଲକୁ ଏହି ସମ୍ମାନ ମିଳିଛି। ଭିତ୍ତିଭୂମି, ଶିକ୍ଷାଦାନ ଓ ମୂଲ୍ୟାଙ୍କନ, ଜାତୀୟ ଓ ଅନ୍ତର୍ଜାତୀୟ ସହଭାଗିତା, କ୍ରୀଡ଼ା ଏବଂ ସଂଯୁକ୍ତ ପାଠ୍ୟକ୍ରମ ସହ ପ୍ରଯୁକ୍ତିବିଦ୍ୟା ଏକୀକରଣ ପରି ୫ ପାରାମିଟର ଆଧାରରେ ମୂଲ୍ୟାଙ୍କନ କରାଯାଇଥିଲା। ଏହି ଅବସରରେ ଶିଳ୍ପୀ ସାହୁ କହିଛନ୍ତି, ଗତବର୍ଷ ସ୍କୁଲକୁ ଦେଶର ଏକ ନମ୍ବର ମାନ୍ୟତା ମିଳିଥିବାବେଳେ ଆଜିର ଏହି ‘ସ୍କୁଲ ଅଫ୍ ଏମିନେନ୍ସ ଆୱାର୍ଡ’ ଆମକୁ ଆହୁରି ଆଗକୁ ଯିବା ପାଇଁ ସହଯୋଗ କରିବ। ଶିକ୍ଷା ମାଧ୍ୟମରେ ଏକ ଉନ୍ନତ ଭାରତ ଗଢ଼ିବା ହେଉଛି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ମୂଳ ଲକ୍ଷ୍ୟ। ଗୁଣାତ୍ମକ ଓ ଉଚ୍ଚମାନର ଶିକ୍ଷା ପ୍ରଦାନ କରିବାର ପ୍ରଚେଷ୍ଟା ଆଗାମୀ ଦିନରେ ଏହିପରି ଜାରି ରହିବ ବୋଲି ସେ କହିଛନ୍ତି।

# ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ

ପୁରୀ ଅଫିସ, ୨୭।୧୦

ପୁରୀ ସହରର ବାସିନ୍ଦା ପ୍ରାୟତଃ ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ ଓ ବିଭିନ୍ନ କାର୍ଯ୍ୟ ନିମନ୍ତେ ଶ୍ରୀମନ୍ଦିରକୁ ଯାଇଥାନ୍ତି। ତେବେ କୋଭିଡ୍‌କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଦର୍ଶନରେ କଟକଣା ରହିଛି। ପୂର୍ବରୁ ଶ୍ରଦ୍ଧାଳୁଙ୍କୁ କେବଳ ସିଂହଦ୍ୱାର ଦେଇ ଦର୍ଶନ ଅନୁମତି ଥିବାବେଳେ ବୁଧବାର ପଶ୍ଚିମ ଦ୍ୱାରରେ ପ୍ରବେଶ କରିବାର ଅନୁମତି ମିଳିଛି। ପୁରୀବାସୀ ଏହାକୁ ସ୍ୱାଗତ କରିଛନ୍ତି। ତେବେ ଦର୍ଶନ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ସେମାନେ ଦାବି କରିଛନ୍ତି।



“ପ୍ରଶାସନର ନିଷ୍ପତ୍ତିକୁ ସ୍ୱାଗତ କରୁଛି। ତେବେ କଟକଣା ଆହୁରି କୋହଳ କରାଯାଉ। ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିରର ଚାରିଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନର ବ୍ୟବସ୍ଥା ହେଉ। ବୟସ୍କ ଓ ଦିବ୍ୟାଙ୍ଗଙ୍କ ପାଇଁ ବିଶ୍ରାମ ସ୍ଥାନ କରାଯାଉ। ପ୍ରଶାସନ ଯେକୌଣସି ନିଷ୍ପତ୍ତି ନେବା ପୂର୍ବରୁ ସହରବାସୀଙ୍କ ସହିତ ଆଲୋଚନା କରୁ। ଯାହାଦ୍ୱାରା ଜନଅସନ୍ତୋଷ ରହିବ ନାହିଁ।

—ବଦ୍ରି ମିଶ୍ର, ରାଜ୍ୟ ସଭାପତି, ଓଡ଼ିଶା ଯୁବ ଚେତନା ସଙ୍ଗଠନ



“ପୁରୀବାସୀ ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନଠାରୁ ଆରମ୍ଭକରି ବିଭିନ୍ନ କାର୍ଯ୍ୟ ପାଇଁ ଶ୍ରୀମନ୍ଦିର ଯାଇଥାନ୍ତି। ମାତ୍ର ପ୍ରଶାସନର କେତେକ କଟକଣା କାରଣରୁ ହଇରାଣ ହେବାକୁ ପଡୁଛି। ଏଣିକି ପୁରୀବାସୀଙ୍କୁ ପଶ୍ଚିମଦ୍ୱାରରେ ଶ୍ରୀମନ୍ଦିର ପ୍ରବେଶ ଅନୁମତି ଦେବା ନେଇ ପ୍ରଶାସନର ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତେବେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ।

—ଜୟନ୍ତୀ ମହାପାତ୍ର, ସାମାଜିକ କର୍ମୀ



“ବିଗତ ଦିନରେ ପ୍ରଶାସନ ପକ୍ଷରୁ ଜାରି ସମସ୍ତ କଟକଣାକୁ ଶ୍ରୀକ୍ଷେତ୍ରବାସୀ ପାଳନ କରିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦରୁ ଏବେ କରୋନା ଧୀରେ ଧୀରେ ଦୂରେଇବାରେ ଲାଗିଛି। ତେଣୁ ପୁରୀବାସୀଙ୍କୁ ଶ୍ରୀମନ୍ଦିର ଚାରିଦ୍ୱାରରେ ପ୍ରବେଶ ଓ ପ୍ରସ୍ଥାନ ଅନୁମତି ମିଳୁ। ପ୍ରଶାସନର ନୂତନ ଘୋଷଣା ସ୍ୱାଗତଯୋଗ୍ୟ।

—ଶ୍ୟାମପ୍ରକାଶ ସେନାପତି, ସଙ୍ଗଠକ



“ଶ୍ରୀମନ୍ଦିର ଚାରିଦ୍ୱାର ହେଉଛି ଧର୍ମ, ଅର୍ଥ, କାମ, ମୋକ୍ଷର ପ୍ରତୀକ। ତେଣୁ ସମସ୍ତ ଚାରି ଦ୍ୱାର ଦେଇ ଭକ୍ତ ପ୍ରବେଶ କରିଥାନ୍ତି। ସୁପ୍ରିମକୋର୍ଟ କେବେ ନିର୍ଦ୍ଦେଶ ଦେଇନାହାନ୍ତି ଯେ, ଭକ୍ତମାନେ ସିଂହଦ୍ୱାରରେ ପ୍ରବେଶ କରି ଅନ୍ୟ ତିନି ଦ୍ୱାରରେ ବାହାରିବେ। ପ୍ରଶାସକମାନେ କୋର୍ଟଙ୍କ ନିର୍ଦ୍ଦେଶ କଥା କହି ବି.ପି ଦାସ କମିଶନଙ୍କ ରିପୋର୍ଟକୁ କାର୍ଯ୍ୟକାରୀ କରୁଛନ୍ତି। ଫଳରେ ଭକ୍ତ ବିଶେଷକରି ପୁରୀ ସହରବାସୀ ହଇରାଣ ହେଉଛନ୍ତି। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ।

—ଦିଲୀପ କୁମାର ବରାଳ, ସାମାଜିକ କର୍ମୀ



“ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣକେନ୍ଦ୍ର। କିଛି ଭକ୍ତ ମହାପ୍ରଭୁଙ୍କ ଦର୍ଶନ ବିନା ଜଳ ମଧ ଗ୍ରହଣ କରି ନ ଥାନ୍ତି। ପୁରୀ ସହରରେ ଏଭଳି ବହୁ ଭକ୍ତ ଅଛନ୍ତି। ତେଣୁ ପୁରୀବାସୀଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଗଲେ ସେମାନେ ଶାନ୍ତି ଓ ପ୍ରଫୁଲ୍ଲ ଚିତ୍ତରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ।

—ବିଶ୍ୱନାଥ ମିଶ୍ର, ଶିକ୍ଷାବିତ



“ପ୍ରଶାସନର ନିଷ୍ପତ୍ତିକୁ ଶ୍ରୀଜଗନ୍ନାଥ ସେନା ବିରୋଧ କରୁଛି। ପୁରୀ କହିଲେ ୭ସାହି ୪୨ କନ୍ଦିକୁ ବୁଝାଇଥାଏ। ଶ୍ରୀମନ୍ଦିର ଚାରିପାଖରେ ପୁରୀବାସୀ ବସବାସ କରିଥାନ୍ତି। ସେମାନେ ମହାପ୍ରଭୁଙ୍କ ଦର୍ଶନ ସହ ବିଭିନ୍ନ କାର୍ଯ୍ୟରେ ପ୍ରତ୍ୟେକ ଦିନ ଶ୍ରୀମନ୍ଦିରକୁ ଯାଇଥାନ୍ତି। ମାତ୍ର ପ୍ରଶାସନର ଏପରି ନିଷ୍ପତ୍ତି ପୁରୀବାସୀଙ୍କ ସମସ୍ୟାକୁ ଦୂର କରିପାରିବ ନାହିଁ। ପୂର୍ବରୁ ଯେପରି ଅସୁବିଧାର ସମ୍ମୁଖୀନ ହେଉଥିଲେ ସେମିତି ହଇରାଣ ହେବେ। ଶ୍ରୀମନ୍ଦିର ଚାରିଦ୍ୱାରର ମାହାତ୍ମ୍ୟ ରହିଛି। ଭକ୍ତ ନିଜ ମନକାମନା ପୂରଣ ପାଇଁ ସେହି ଦ୍ୱାର ଦେଇ ପ୍ରବେଶ କରିଥାନ୍ତି। ପୁରୀବାସୀ ଯେଉଁ ବଳିଦାନ ଓ ତ୍ୟାଗ ଦେଇଛନ୍ତି ତାହାକୁ ପ୍ରଶାସନ ଚିନ୍ତା କରିବା ଆବଶ୍ୟକ। ପୁରୀବାସୀଙ୍କ ପାଇଁ ଚାରି ଦ୍ୱାର ଖୋଲାଯାଉ। ସିଂହଦ୍ୱାରରେ ଗୋଟିଏ ସ୍ୱତନ୍ତ୍ର ଧାଡ଼ି କରାଯାଉ, ଯେଉଁଥିରେ ପୁରୀବାସୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ସେହିପରି ଅନ୍ୟ ତିନିଦ୍ୱାରରେ ମଧ ପୁରୀବାସୀଙ୍କୁ ପ୍ରବେଶ ଓ ପ୍ରସ୍ଥାନର ଅନୁମତି ମିଳୁ।

—ପ୍ରିୟଦର୍ଶନ ପଟ୍ଟନାୟକ, ଆବାହକ, ଶ୍ରୀଜଗନ୍ନାଥ ସେନା